୨୬ ବର୍ଷରେ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.170 Bhubaneswar Sunday August 11 2024 | ୨୬ତମ ବର୍ଷ ସଂଖ୍ୟା–୧୭୦ ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ବିଜେଡି କାଉନ୍‌ସିଲରଙ୍କ ବିରୋଧରେ ୫ କୋଟି ଟଙ୍କାର ମାନହାନି ମୋକଦ୍ଦମା



ଭୁବନେଶ୍ୱର,୧୦।୮(ପି.ଏନ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ଏନ୍‌ଏସି ଅଧକ୍ଷା ଓ କାଉନସିଲରଙ୍କ ମଧ୍ୟରେ ଚାଲିଥିବା ବିବାଦ ରୋଚକ ମୋଡ଼ ନେଇଛି । ଘଇଉ ଅଧକ୍ଷା ଆରତି ପ୍ରଧାନ ଓ ତାଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ବିରୋଧରେ ବିଜେଡି କାଉନସିଲରଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ମାମଲା ହେବା ସହ ବ୍ୟବସ୍ଥାର ଗଳାବାଟ ଦେଇ ଅନାସ୍ଥା ଆଣିବାକୁ ନେଇ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ଏଥିସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା କାଉନ୍‌ସିଲରଙ୍କ ବିରୋଧରେ ୫ କୋଟି ଟଙ୍କାର ମାନହାନି ମୋକଦ୍ଦମା କରିଛନ୍ତି ଅଧକ୍ଷା ଆରତି ପ୍ରଧାନ ଓ ତାଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନ ।ପୌର ନିର୍ବାଚନ ସମୟରେ ଖଣ୍ଡପଡା ଏନ୍‌ଏସି ଅଧକ୍ଷା ପାଇଁ ଆରତି ପ୍ରଧାନ ସ୍ୱାଧୀନ ଭାବେ ଲ଼ଢ଼ିଥିଲେ । ବିଜେଡିକୁ ଚକମା ଦେଇ ସେ ବିଜୟୀ ହୋଇଥିଲେ । ୧୩ ଆସନ ବିଶିଷ୍ଟ ଖଣ୍ଡପଡା ଏନ୍‌ଏସିରେ ବିଜେଡିରୁ ୯ ଜଣ ଜିତିଥିବା ବେଳେ ଅଧକ୍ଷାଙ୍କୁ ମିଶାଇ ୫ ଜଣ ସ୍ୱାଧୀନ ଭାବେ ବିଜୟୀ ହୋଇଥିଲେ । ପରବର୍ତ୍ତୀ ସମୟରେ ଅଧକ୍ଷାଙ୍କ ସମେତ ୪ କାଉନ୍‌ସିଲର ବିଜେପିରେ ମିଶି ଯାଇଥିଲେ । ତା'ପରେ ସବୁକିଛି ଠିକ୍‌ଠାକ୍ ଚାଲିଥିଲା । ହେଲେ ସାଧାରଣ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ ଖଣ୍ଡପଡା ରାଜନୀତି କଡ ଲେଉଟାଇଥିଲା ।

## ପ୍ରତିହାରୀ ସେବାୟତଙ୍କୁ ନୋଟିସ୍ ଜାରି କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୧୦।୮(ପି.ଏନ): ଶ୍ରୀମନ୍ଦିର ପ୍ରଶାସନ ପ୍ରତିହାରୀ ସେବାୟତଙ୍କୁ ନୋଟିସ୍ ଜାରି କରିଛି । ଶ୍ରୀଜିଉଙ୍କ ନୀତି ବିଳମ୍ବ ପାଇଁ ଶିବ ଶଙ୍କର ମହାପାତ୍ରଙ୍କୁ ନୋଟିସ୍ ଜାରି କରାଯାଇଛି । ତେବେ ଏଭଳି ନୋଟିସକୁ ପ୍ରତିହାରୀ ନିଯୋଗ ସ୍ୱାଗତ କରିଥିବା ଜଣାପଡିଛି ।ସୂଚନାଯୋଗ୍ୟ ଗତକାଲି ଅର୍ଥାତ ଶୁକ୍ରବାର ଶ୍ରୀମନ୍ଦିର ଦ୍ୱାରଫିଟାରେ ୩୫ ମିନିଟ ବିଳମ୍ବ ହୋଇଥିଲା । ତେବେ କେଉଁ କାରଣରୁ ଦ୍ୱାରଫିଟା ବିଳମ୍ବ ହେଲା ବୋଲି ଜବାବ ତଲବ କରିଛି ଶ୍ରୀମନ୍ଦିର ପ୍ରଶାସନ । ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ବିଳମ୍ବ ହେଲେ ମହାପ୍ରଭୁଙ୍କର ଅନ୍ୟ ନୀତି ବିଳମ୍ବ ହୋଇଥାଏ । ଫଳରେ ମହାପ୍ରଭୁଙ୍କ ମହାପ୍ରସାଦ ବାହାରିବାରେ ମଧ୍ୟ ବିଳମ୍ବ ହୋଇଥାଏ । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ପଦକ୍ଷେପକୁ ପ୍ରତିହାରୀ ନିଯୋଗ ସ୍ୱାଗତ କରିଥିବା ବେଳେ ଅନ୍ୟ ନୀତି ବିଳମ୍ବରେ ବି ସମାନ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଶ୍ରୀମନ୍ଦିର ପ୍ରଶାସକଙ୍କୁ ନିବେଦନ କରିଛି ।ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାଧବ ମହାପାତ୍ର କହିଛନ୍ତି ।

## କେନ୍ଦ୍ର କ୍ୟାବିନେଟରେ ରାଜ୍ୟ ପାଇଁ ୬ଟି ରେଳ ପ୍ରକଳ୍ପ ପାରିତ, ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର,୧୦।୮(ପି.ଏନ): ଓଡିଶାର ବିକାଶ ତଥା ଆର୍ଥିକ ଉନ୍ନତି ପାଇଁ ବଡ ଉପହାର ଦେଇଛି କେନ୍ଦ୍ର । କେନ୍ଦ୍ର କ୍ୟାବିନେଟରେ ଓଡିଶା ପାଇଁ ୬ଟି ରେଳ ପ୍ରକଳ୍ପ ପାରିତ ହୋଇଛି । ଓଡିଶାର ରେଳ ଇତିହାସରେ ପ୍ରଥମ ଥର ପାଇଁ ୧୫ ହଜାର ୪ କୋଟି ଟଙ୍କା ବ୍ୟୟରେ ୬ଟି ନୂତନ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁର କରାଯାଇଛି । ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଲୋଚନା କରିଥିଲେ । ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟରେ ଶେଷ ହେବା ପାଇଁ ପ୍ରତିଶ୍ରୁତି ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।ପୂର୍ବୋଦୟ ବିକାଶ ଦିଗରେ ଓଡ଼ିଶାକୁ ପ୍ରାଥମିକତା ରେଳ ମନ୍ତ୍ରାଳୟରେ ପ୍ରତିଫଳିତ ହୋଇ ବାସ୍ତବତା ରୂପ ନେଇଛି । ପଶ୍ଚିମ ଓଡ଼ିଶାରୁ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାର କରିଡ଼ର ବିକାଶ ପାଇଁ ୬ଟି ନୂଆ ଲାଇନ୍ ରେ ମୋଟ ୫୯୧ କିମି ବିଛାଯିବ । ଏଥି ନିମନ୍ତେ ୧୫ହଜାର କୋଟି ଅନୁମୋଦିତ ହୋଇଛି ।୨୦୩୦ ସୁଦ୍ଧା ସବୁ ପ୍ରକଳ୍ପ ଶେଷ ପାଇଁ ଲକ୍ଷ ରହିଛି ।ଭିଡ଼ିଓ କନ୍‌ଫେସିଂ ଜରିଆରେ ଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର କଳାହାଣ୍ଡି ଓ ନବରଙ୍ଗପୁର ସାଂସଦ ଉପସ୍ଥିତ ରହିଥିଲେ । ଏହି ଅବସରରେ ରାୟଗଡାର ସ୍ୱତନ୍ତ୍ର ଡିଭିଜନ ନିମନ୍ତେ ଦାବି ଜଣାଇଥିଲେ । ଏହା ଓଡିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ । ବିଶେଷ କରି କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ରାୟଗଡା, କରୋପୁଟ କେନ୍ଦୁଝର ଏବଂ ମୟୂରଭଞ୍ଜର ଆର୍ଥିକ କ୍ଷେତ୍ରରେ ବିକାଶରେ ଏହା ଅତ୍ୟନ୍ତ ସହାୟକ ହେବ । ଲୋକେମାନେ ଏଥିରେ ଉପକୃତ ହେବେ ।

## ରେଭ ପାର୍ଟିରେ ଚଢ଼ାଉ, ୩୫ ଜଣ କଲେଜ ପିଲା ଅଟକ

ଭୁବନେଶ୍ୱର,୧୦।୮(ପି.ଏନ): ନୋଏଡାର ସୁପରଟେକ୍ ସୁପରନୋଭାରେ ଚାଲିଥିଲା ରେଭ ପାର୍ଟି । ଚଢ଼ାଉ କରି ପୁଲିସ ୩୫ ଜଣ କଲେଜ ଛାତ୍ରଛାତ୍ରୀଙ୍କୁ ଅଟକ ରଖିଛି । ପାର୍ଟିରେ ନିଶା ସେବନ ସାଙ୍ଗକୁ ବିଶୃଙ୍ଖଳିତ ଆଚରଣ କରିବା ଅଭିଯୋଗରେ ପୁଲିସ ଚଢ଼ାଉ କରିଥିଲା । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ନୋଏଡାର ସୁପରଟେକ୍ ସୁପରନୋଭାରେ କିଛି ପିଲା ଡ୍ରଗ୍ସ ପାର୍ଟି କରୁଥିବା ନେଇ ଅଭିଯୋଗ ହୋଇଥିଲା । ଏମାନେ ପାର୍ଟି କରିବା ସହ ମଦ୍ୟପାନ କରିବା ପରେ ମଦ ବୋତଲକୁ ସେମାନଙ୍କ ଛାତ ଉପରକୁ ଫିଙ୍ଗିଥିବା କିଛି ଲୋକ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ଉତ୍ତର ପ୍ରଦେଶ ପୁଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲା । ଏହି ମାମଲାରେ ପୁଲିସ ୩୫ ଜଣ କଲେଜ ଛାତ୍ରଛାତ୍ରୀଙ୍କ ସମେତ ପାଞ୍ଚଟି ସଂଗଠନ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ କରୁଛି । ଏଥିସହ ଘଟଣାସ୍ଥଳରୁ ମଧ୍ୟ କିଛି ହୁକା ଏବଂ ଦାମୀ ମଦ ବୋତଲ ଜବତ କରିଛି ।ଖବର ଅନୁସାରେ, ଏହି ପାର୍ଟିରେ ସିଙ୍ଗଲ୍ ଏବଂ କପଲ୍ ପିଲା ସାମିଲ ହୋଇଥିଲେ । ଜଣଙ୍କ ପାଇଁ ୫୦୦ ଏବଂ କପଲଙ୍କ ପାଇଁ ୮୦୦ ଟଙ୍କା ଟିକେଟ୍ ରହିଥିଲା । ରେଭ୍ ପାର୍ଟି ନେଇ ହ୍ୱାଟ୍ସଆପ୍ ଜରିଆରେ ସୂଚନା ଆଦାନ ପ୍ରଦାନ କରାଯାଇଥିଲା ।

## ୪ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କଲା ପୁଲିସ, ଧରାଇ ଦେଲେ ମିଳିବ ୨୦ ଲକ୍ଷ ଟଙ୍କା



ଭୁବନେଶ୍ୱର,୧୦।୮(ପି.ଏନ): ଆଜି ଜମ୍ମୁ କଶ୍ମୀର ପୁଲିସ ଚାରି ଜଣ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରିଛି । ଏମାନେ କଠୁଆ ଅଞ୍ଚଳରେ ଲୁଚିଥିବା ପୁଲିସ ସନ୍ଦେହ କରୁଛି । ତେଣୁ ଏମାନଙ୍କୁ ଧରିବା ପାଇଁ ସ୍କେଚ୍ ଜାରି କରି ଲୋକଙ୍କୁ ସତର୍କ କରାଇଛି ପୁଲିସ ।ଏଥିସହ ଏମାନଙ୍କ ନାଁରେ ମଧ୍ୟ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି । ଯଦି କେହି ଏମାନଙ୍କୁ ଧରାଇ ଦିଅନ୍ତୁ, ତେବେ ତାଙ୍କୁ ୨୦ ଲକ୍ଷ ଟଙ୍କା ମିଳିବ ।

## ଆତଙ୍କବାଦୀଙ୍କ ସହ ଲଢ଼େଇ କରି ୨ ଯବାନ ସହିଦ



ଭୁବନେଶ୍ୱର,୧୦।୮(ପି.ଏନ): ଜମ୍ମୁ-କଶ୍ମୀରର ଅନନ୍ତନାଗରେ ଚାଲିଥିବା ଏନକାଉଣ୍ଟରରେ ୨ ଜଣ ଯବାନ ସହିଦ ହୋଇଛନ୍ତି । ଆଉ ଜଣେ ଯବାନ ଓ ୨ ଜଣ ସାଧାଣ ଲୋକ ମଧ୍ୟ ଗୁଳି ମାଡରେ ଆହତ ହୋଇଛନ୍ତି । ସେମାନଙ୍କୁ ଏନକାଉଣ୍ଟର ସ୍ଥଳରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅନନ୍ତନାଗରେ ଅହଲାନ ଗାଡୋଲେ ଆରମ୍ଭ ହୋଇଥିବା ଏନକାଉଣ୍ଟର ଏବେ ବି ଜାରି ରହିଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ, କୋକେରନାଗ ସବଡିଭିଜନରେ ଥିବା ଜଙ୍ଗଲରେ କିଛି ଆତଙ୍କବାଦୀ ଥିବା ସୂଚନା ମିଳିଥିଲା । ଏହାପରେ ଭାରତୀୟ ସ୍ଥଳ ସେନା, ଜମ୍ମୁ-କଶ୍ମୀର ପୁଲିସ୍ ? ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ଆତଙ୍କବାଦ ନିରୋଧ ଅପରେସନ ଆରମ୍ଭ ହୋଇଥିଲା । ଅପରେସନ ଚାଲିଥିବା ବେଳେ ଟିମ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ।

## ଭୂମିପୂଜନ ପାଇଁ ଛାଡିଲେନି, ଭାଙ୍ଗି ଦେଲେ ଫଳକ; ଫେରିଗଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର,୧୦।୮(ପି.ଏନ): ବକ୍ସାଇଟ୍ ଖନନ ପାଇଁ ଆଜି ଭୂମିପୂଜନ ହେବାର ଥିଲା । ହେଲେ ସ୍ଥାନୀୟ ଲୋକେ ଭୂମି ପୂଜନ ପାଇଁ ଅତିଥିଙ୍କୁ ଛାଡିଲେ ନାହିଁ । ନାମ ଫଳକ ଓ ଟେଣ୍ଟ ଭାଙ୍ଗି ଦେଲେ । ଅଧାବାଟରୁ ଫେରିଗଲେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ଅତିଥି । ଆଜି ଏପରି ପ୍ରତିବାଦର ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲାରେ ।ପଟ୍ଟାଙ୍ଗୀ ଥାନା ଅଞ୍ଚଳରେ ରହିଛି ସେରୁବନ୍ଧ ଖଣି । ଏହି ଖଣିରୁ ବକ୍ସାଇଟ୍ ଉତ୍ତୋଳନ ପାଇଁ ଆଜି ଭୂମିପୂଜନ ହେବାର ଥିଲା । ଏଥିପାଇଁ ପାହାଡ ପାଦଦେଶରେ ବନ୍ଧା ଯାଇଥିଲା ଷ୍ଟେଜ୍ ଓ ନିର୍ମାଣ ହୋଇଥିଲା ନାମ ଫଳକ । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଭୂମି ପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଯୋଗଦେବାର ଥିଲା । ସେଥିପାଇଁ କେନ୍ଦ୍ର ମନ୍ତ୍ରୀ ନୂଆଦିଲ୍ଲୀରୁ ବିଶାଖାପାଟଣା ଦେଇ କୋରାପୁଟରେ ପହଞ୍ଚିଥିଲେ । ମନ୍ତ୍ରୀ କୋରାପୁଟରେ ପହଞ୍ଚିବା ପରେ ସମସ୍ତ ଅତିଥି ଯଥା- ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର, ଜିଲ୍ଲାପାଳ ଭି. କିର୍ତ୍ତୀଭାସନ, ଏସ୍‌ପି ଅଭିନବ ସୋନ୍ କାର, ବିଧାୟକ ରଘୁରାମ ମାଛ ପ୍ରମୁଖ ଭୂମିପୂଜନ ସ୍ଥଳକୁ ଯାଉଥିଲେ ।

## '୫ କେଜି ଆଳୁ' ଲାଞ୍ଚ ମାଗି ନିଲମ୍ବିତ ହେଲେ ଏସଆଇ

ଭୁବନେଶ୍ୱର,୧୦।୮(ପି.ଏନ): ଶୀର୍ଷକ ପଢ଼ି ଆପଣ ନିଶ୍ଚିତ ଦ୍ୱନ୍ଦ୍ୱରେ ପଡୁଥିବେ । ଆଳୁ ନାଁରେ କେମିତି ଲାଞ୍ଚ କାରବାର ହେଉଛି ? କ'ଣ ଏବେ ଆଳୁର ଦାମ ଆକାଶ ଛୁଆଁ ଥିବାରୁ ଲାଞ୍ଚ କାରବାର ପାଇଁ ଏହାକୁ ବ୍ୟବହାର କରାଯାଉଛି କି ? ଅଧିକ ଦ୍ୱନ୍ଦ୍ୱରେ ରୁହନ୍ତୁ ନାହିଁ । ଆମେ ଏଠାରେ ଆପଣଙ୍କ ଦ୍ୱନ୍ଦ୍ୱ ଦୂର କରିବୁ । ୫ କେଜି ଆଳୁ ଲାଞ୍ଚ ମାଗି ଚାକିରି ହରାଇଛନ୍ତି ଜଣେ ପୁଲିସ୍ ସବ ଇନସପେକ୍ଟର । ଉତ୍ତର ପ୍ରଦେଶର କନୌଜରେ ଏପରି ଘଟଣା ଘଟିଛି ।ତଦନ୍ତରୁ ଜଣାପଡିଛି ଯେ ଜଣେ ପୁଲିସ୍ ସବ ଇନସପେକ୍ଟର ଲାଞ୍ଚ ଭାବେ ଆଳୁ ଦାବି କରିଥିଲେ । ବାସ୍ତବରେ ଲାଞ୍ଚ କାରବାର ପାଇଁ ଆଳୁ ଥିଲା କୋଡ ଓ୍ୱାର୍ଡ । ଗୋଟିଏ ମାମଲାର ରଫାଦଫା କରିବା ପାଇଁ ନିଲମ୍ବିତ ପୁଲିସ୍ ସବ ଇନସପେକ୍ଟର ରାମ କ୍ରିପାଲ ସିଂହ ୫ କେଜି ଆଳୁ ମାଗିଥିଲେ । ଏହାର ଅଡିଓ ଭାଇରାଲ ହେବା ପରେ ପୂରା ଘଟଣା ସାମ୍ନାକୁ ଆସିଛି । କନୌଜ ଏସ୍‌ପି ଅମିତ କୁମାର ଆନନ୍ଦ ସବ ଇନସପେକ୍ଟର ସୌରିଖ ପୁଲିସ୍ ? ଷ୍ଟେସନ ଅଧୀନରେ ଥିବା ଭାଓ୍ୱାଲପୁର ଚାପୁନ୍ନା ଚୌକରେ ନିୟୋଜିତ ରାମ କ୍ରିପାଲ ସିଂହଙ୍କୁ ନିଲମ୍ବିତ କରିଛନ୍ତି । ଏଥିସହ ତାଙ୍କ ବିରୋଧରେ ବିଚାର ବିଭାଗୀୟ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି ।

## ଟିଭି ସୋମନାଥନ କ୍ୟାବିନେଟ ସଚିବ, ରାଜୀବ ଗୌବାଙ୍କ ସ୍ଥାନ ନେବେ



ଭୁବନେଶ୍ୱର,୧୦।୮(ପି.ଏନ): ବରିଷ୍ଠ ଆଇଏଏସ୍ ଅଫିସର ଟିଭି ସୋମନାଥଙ୍କ କେନ୍ଦ୍ର ସରକାର ଦେଶର ନୂଆ କ୍ୟାବିନେଟ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି । ବର୍ତ୍ତମାନ ସେ ଅର୍ଥ ସଚିବ ଭାବେ କାର୍ଯ୍ୟ କରୁଛନ୍ତି ।୧୯୮୭ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଟିଭି ସୋମନାଥନ ବର୍ତ୍ତମାନ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରୁଥିବା ରାଜୀବ ଗୌବାଙ୍କ ସ୍ଥାନ ନେବେ । ଟିଭି ସୋମାନାଥନ କାର୍ଯ୍ୟକାଳ ଅଗଷ୍ଟ ୩୦ରୁ ଆରମ୍ଭ ହେବ । ସେ ଏହି ପଦରେ ଦୁଇ ବର୍ଷ ପାଇଁ କାର୍ଯ୍ୟ କରିବେ ।

## ବନ୍ଦ ହେଲା ହୀରାକୁଦର ୪ଟି ଗେଟ୍



ସମ୍ବଲପୁର,୧୦।୮(ପି.ଏନ): ହୀରାକୁଦ ଡ୍ୟାମର ଆଜି ୪ଟି ଗେଟ ବନ୍ଦ ହୋଇଛି । ବର୍ତ୍ତମାନ ୧୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବାମ ପାଶ୍ୱର୍ରେ ୭ଟି ଗେଟ୍ ଖୋଲା ଥିବା ବେଳେ ଡାହାଣ ପାଶ୍ୱର୍ରେ ୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ଉପରି ଭାଗରେ ପ୍ରବଳ ବର୍ଷା ହେତୁ ଏହି ବନ୍ୟାଜଳକୁ ନିଷ୍କାସିତ କରିବା ଲାଗି ହୀରାକୁଦ ଡ୍ୟାମ ଖୋଲାଯାଇଥାଏ । ସେହିପରି ଗେଟ୍ ବନ୍ଦ ହେବା ଫଳରେ ମୁଣ୍ଡଳିର ଜଳସ୍ତର କମିଛି । ସୂଚନାନୁଯାୟୀ, ଗତକାଲି ହୀରାକୁଦ ଡ୍ୟାମର ୬ଟି ଗେଟ୍ ଖୋଲିଥିଲା । ଗତକାଲିଠାରୁ ସମୁଦାୟ ୧୪ଟି ଗେଟ୍ ଦେଇ ଜଳ ନିଷ୍କାସନ ଜରି ରହିଥିଲା । ବର୍ତ୍ତମାନ ୪ଟି ଗେଟ ବନ୍ଦ କରିବା ହେତୁ ୧୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ତେବେ ଗତ ୪ ତାରିଖ ସକାଳ ସାଢେ ୯ଟାରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମେ ବନ୍ୟାଜଳ ନିଷ୍କାସନ କରାଯାଇଥିଲା ।

## ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ନେଇଗଲେ ଶିକ୍ଷକ ଦମ୍ପତି



ଭୁବନେଶ୍ୱର,୧୦।୮(ପି.ଏନ): ସ୍ୱାମୀ-ସ୍ତ୍ରୀ ଶିକ୍ଷକତା କରୁଥିଲେ । ତଥାପି ଟଙ୍କା ଦରକାର ପଡୁଥିଲା । ତେଣୁ ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କୁ ଠକୁଥିଲେ । ଚାକିରି ଦେବା ବାହାନାରେ ଶିକ୍ଷକ ଦମ୍ପତି ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗ ହୋଇଛି । ଏପରି ଅଭିଯୋଗ କେନ୍ଦୁଝର ଜିଲ୍ଲାରୁ ଆସିଛି । ଠକାମୀରେ ଶିକାର ହୋଇଥିବା ଜଣେ ପୀଡିତାଙ୍କ ଅଭିଯୋଗ କ୍ରମେ ପୁଲିସ୍ ? ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ହେଲେ ତାଙ୍କ ସ୍ୱାମୀ ଫେରାର ଅଛନ୍ତି ।ଘସିପୁରା ଥାନା ଜଅଁରା ଗାଁର ରବୀନ୍ଦ୍ର କୁମାର ବେହେରା ହେଉଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ । ତାଙ୍କ ପତ୍ନୀ ଅନୁସୟା ବାରିକ ଏବେ ପଡୋଶୀ ଯାଜପୁର ଜିଲ୍ଲା ରଗଡି ତାଳପଦା ସେବାଶ୍ରମରେ ଶିକ୍ଷକତା କରୁଛନ୍ତି । ଚାକିରି ଦେବାକୁ କହି ଏହି ଦମ୍ପତି ବହୁ ଶିକ୍ଷିତ ଯୁବକ ଓ ଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଛନ୍ତି । ହେଲେ ପରବର୍ତ୍ତୀ ସମୟରେ ଚାକିରି ଦେଇନଥିଲେ । ଏପରିକି ନେଇଥିବା ଟଙ୍କା ଫେରାଉନଥିଲେ । ଯେଉଁଥିପାଇଁ ପ୍ରତିଦିନ ଠକାମୀରେ ଶିକାର ହୋଇଥିବା ଯୁବକ, ଯୁବତୀ ଓ ତାଙ୍କ ପରିବାର ଲୋକେ ରବୀନ୍ଦ୍ରଙ୍କ ଗାଁ ଜଅଁରାକୁ ଆସି ଖାଲି ହାତରେ ଫେରୁଥିଲେ । ମିଳିଥିବା ସୂଚନା ଅନୁସାରେ ଉକ୍ତ ଠକ ଦମ୍ପତି ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗ ହୋଇଛି ।

## ହଠାତ୍ ପୁରୀ ସମୁଦ୍ରରେ ଲାଗିଲା ୫ ଯୁଦ୍ଧ ଜାହାଜ, ସାଇରନ୍ ଶୁଣି ଭୟରେ ଦୌଡ଼ି ପଳାଇଗଲେ ପର୍ଯ୍ୟଟକ



ପୁରୀ,୧୦।୮(ପି.ଏନ): ପୁରୀ ସମୁଦ୍ରରେ ବିରାଟ ବିରାଟ ଯୁଦ୍ଧ ଯାହାଜ ଦେଖି ସବୁ ଭୟରେ । ଜଗନ୍ନାଇ ଧାମରେ ଲାଗିଲା ଭାରତୀୟ ନୌସେନାର ଯାହାଜ । ଭୟରେ ସମୁଦ୍ର ବହାରକୁ ଚାଲି ଆସିଲେ ପର୍ଯ୍ୟଟକ । କଣ ପାଇଁ ଆସିଛି କେହି ବୁଝି ପାରିଲେ ନାହିଁ । ସମୁଦ୍ରରେ ଗୋଟିଏ ବି ଡଙ୍ଗା ଦେଖିବାକୁ ମିଳୁ ନଥିଲା । ହେଲେ ଅଚାନକ ମାଡି ଆସିଲା ଯୁଦ୍ଧ ଯାହାଜ । ସମୁଦ୍ର ମଝିରେ ସାଇରନ ବଜାଇ ଆସିଲା । ପୁରା ପାଖକୁ ଲାଗିଗଲା ବିଶାଳ ବିଶାଳ ଯୁଦ୍ଧ ଯାହାଜ । ଯାହାକୁ ଦେଖି ସବୁ ଆଶ୍ଚର୍ଯ୍ୟ ହୋଇଗଲେ ।କଣ ହଉଚି କିଛି ବୁଝି ପାରିଲେ ନାହିଁ । ଏମିତି ଦୃଶ୍ୟ ପୁରୀ ସମୁଦ୍ରରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଥିଲା । ପୁରୀ ସମୁଦ୍ରରେ ୫ଟି ଯୁଦ୍ଧ ଯାହାଜ । ଗୋଟିଏ ପରେ ଗୋଟିଏ ପଛକୁ ପଛ ଧାଡି ଲାଗିଛନ୍ତି । ନୌସେନାର ବିରାଟ ବିରାଟ ଯାହାଜ ଲାଗିଲା କୂଳରେ । ଲୋକ ଦେଖି ଭୟରେ ରହିଛନ୍ତି । ଯଦି ଦେଖିବା ପୁରୀରେ ପ୍ରଥମ ଥର ପାଇଁ ଏତେ ବଡ ବଡ ଯାହାଜ ଲାଗିଛ । ଯାହା ଅନୁମାନ କରାଯାଉଛି ବାଂଲାଦେଶରେ ସ୍ଥିତିକୁ ଦେଖି ପୁରୀରେ ବ଼ଢ଼ିଛି ସୁରକ୍ଷା । ନୌସେନା ପୁରୀରେ ଡେରା ଜମାଇଛି ।ଯେମିତି ପୁରୀ ସରହ ଉପରେ କୌଣସି ବିପଦ ମାଡି ନଆସେ ସ୍ଥିପ୍ରତି ଧ୍ୟାନ ଦିଆଯାଇଛି । ଆଗୁଆ ଆତଙ୍କବାଦି ମାନଙ୍କୁ ସାମ୍ନା କରିବା ପାଇଁ ଭାରତୀୟ ସେନା ପୁରୀରେ ପହଞ୍ଚିଛି ବୋଲି ଯାହା ଚର୍ଚ୍ଚା ହେଉଛି । କାରଣ ଡିଜି କହିଥିଲେ କି ବାଂଲାଦେଶର ସ୍ଥିତି ଏବେ ଭଲ ନାହିଁ । ସେଥିପାଇଁ ସମୁଦ୍ର ଉପକୂଳରେ ଏବେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ । ଯାହାକୁ ନେଇ ଏମିତି ହୋଇଥାଇ ପାରେ ବୋଲି ଆଶଙ୍କା କରାଯାଉଛି ।








# ଟି ଟାଇମ୍

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି। ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା। ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ। ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି। ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା। ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା'ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା। ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ୍ୟ ମିଳିଥିବା ଜଣାପଡିଛି।

# ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି। ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ। କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି।

ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ। ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି। ବୈଦିକ ଭାଷାରେ – 'ଅଗ୍ନୀ ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା। ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି। କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ। ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି। ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

# ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ଓ୍ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ୍ୟ ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ଓ୍ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ ହୋଇପାରିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭ଼ି ଉପକରଣ ତିଆରି ହୋଇଥିଲେ ମଧ୍ୟ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ଓ୍ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ଓ୍ୱାଚ୍‌କୁ ଯେ କୌଣସି ବ୍ଲୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ଓ୍ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସହିତ ଜଡ଼ିତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ ।

# ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ



ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ। ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ। ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି। ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର। ପର୍ଣ୍ଣ ଭିଡିଓ ଦେଖିବା ପରେ

ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି।

ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ। ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ। ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି। ଏଡି ମାମଲାରେ ପିଲାଟିର ମା' କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ। ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି।

# ମୋ ପରି ଶରୀର ସମସ୍ତଙ୍କୁ ମିଳେନି



ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। କିଛି ଦିନ ପୂର୍ବରୁ ତାଙ୍କ ସିନେମା 'ଓ୍ୱାଜା ତୁମ ହୋ' ହୋଇଛି ରିଲିଜ୍। ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି। ସିନେମା ଫ୍ଲପ ହୋଇଗଲେ ମଧ୍ୟ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି। ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି। ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ। ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି। କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ। କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।

# ଇଲେକ୍ଟ୍ରିକ୍ ଚାମଚ



ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତନ କରିବ ଚାମଚ । ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମରନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସ୍ଲୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଷେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲେ ବ୍ଲଡ୍‌ପ୍ରେସର ରୋଗୀ ମଧ୍ୟ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।




# ତୁ' ମୋତେ ନ ଖା', ମୁଁ ତୋତେ ନଖାଏ

ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଊର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦଳନା ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା' କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ୍‌ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ "ଧୂମପାନ ନିଷେକ୍ଷ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା' ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାଫ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- ***"ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି ? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।"***

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା । ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାର୍ଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାର୍ଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ବିଷାଦଗ୍ରସ୍ତ ଭାରତ

ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ୍ୟ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ୍ୟ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ! ତେବେ ଏ ସବୁ ଜାଣି କ'ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

# ଅଙ୍ଗନୱାଡ଼ି କର୍ମୀ ସହାୟିକାଙ୍କ ଭ ।ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ଡିସେମ୍ବର ୯ ବିଧାନସଭା ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର (ପିଏନ୍): ରାଜ୍ୟର ଏକଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତିନିଧିତ୍ୱ କରୁଥିବା ପ୍ରମୁଖ ୟୁନିୟନ୍‌ଗୁଡ଼ିକୁ ନେଇ ଗଠିତ ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ତରଫରୁ ଆଗାମୀ ଡିସେମ୍ବର ୯ ତାରିଖ ବିଧାନସଭା ସମ୍ମୁଖରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇ ଆଗାମୀ ବଜେଟ୍‌ରେ ଯଦି ଭ ।ବୃଦ୍ଧି ନ ହୁଏ ତେବେ ଆଗାମୀ ବଜେଟ୍ ଅଧିବେଶନରେ ଦ୍ୱିତୀୟ ପର୍ଯ୍ୟାୟରେ ବିଧାନସଭା ସମ୍ମୁଖରେ ଦିବାରାତ୍ର ଧାରଣା ଅନୁଷ୍ଠିତ ହେବ ବୋଲି ଏଆଇଟିୟୁସି କାର୍ଯ୍ୟାଳୟରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ପ୍ରକାଶ ଥାଉକି, ଗତ ୨୦୧୭ ମସିହାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯାହା ଭ ।ବୃଦ୍ଧି କରିଥିଲେ, ତାହା ସମୁଦ୍ରକୁ ଶଙ୍ଖେ। ଦରଦାମ୍ ହୁହୁ ହୋଇ ବଢ଼ି ଚାଲୁଥିବା ବେଳେ ସ୍ୱଳ୍ପ ଦରମାରେ ଚଳିବା କଷ୍ଟକର। ଅପରପକ୍ଷରେ ଦୈନନ୍ଦିନ କାର୍ଯ୍ୟଭାର ବଢ଼ିବଢ଼ି ଚାଲିଛି। ୬ ପ୍ୟାକେଜ୍ ବ୍ୟତୀତ କୌଣସି କାର୍ଯ୍ୟର କର୍ମୀମାନଙ୍କୁ ନିୟୋଜିତ ନ କରିବା ପାଇଁ ନିୟମ ଥିଲେ ମଧ୍ୟ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ନୂତନ ପ୍ରଯୁକ୍ତି ନାମାରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଟ୍ରାକିଂ ନାମରେ କର୍ମୀ ସହାୟିକାଙ୍କ ବ୍ୟକ୍ତିଗତ ଚଳଣୀ ଉପରେ ଅଙ୍କୁଶ ଲଗାଯାଉଛି। ଅଙ୍ଗନୱାଡ଼ି କର୍ମୀ ପ୍ରାକ୍-ବିଦ୍ୟାଳୟ କାର୍ଯ୍ୟ ବ୍ୟତିରେକ ବହୁଧା କାର୍ଯ୍ୟରେ ନିୟୋଜିତ। ଲୋକେସନ୍ ଟ୍ରାକିଂ ନାମରେ ଦୈନନ୍ଦିନ କାର୍ଯ୍ୟରେ ହସ୍ତକ୍ଷେପ କରାଯାଉଛି। ସରକାରଙ୍କ ପ୍ରଦ ମୋବାଇଲ ନିମ୍ନମାନର, ବ୍ୟବହାର ଉପଯୋଗୀ ନୁହେଁ ଏବଂ ଯାହା ୨୦୨୦ ମସିହାରୁ ପ୍ରଦାନ କରାଯାଇଛି। ବହୁ ଅ ଳରେ ନେଟ୍ କାମ କରୁନାହିଁ। ପୋଷଣ ଟ୍ରାକ୍ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଅପରପକ୍ଷରେ ମୋବାଇଲ ଓ ପୋଷଣ ବାବଦ ଦେୟ ପ୍ରଦାନ କରାଯାଉନାହିଁ। ପ୍ରାକ୍-ବିଦ୍ୟାଳୟ ଓ ଗର୍ଭବତୀଙ୍କୁ ଖାଦ୍ୟ ଯୋଗାଣ ଦେୟ ୨୦୧୭ ମସିହାରେ ବୃଦ୍ଧି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବୃଦ୍ଧି କରାଯାଉନାହିଁ। ତେଣୁ ଏହି ପରିପ୍ରେକ୍ଷୀରେ ତୁରନ୍ତ ଭ ।ବୃଦ୍ଧି, ଶତ ପ୍ରତିଶତ ସୁପରଭାଇଜର ପ୍ରମୋସନ୍, ଦୀର୍ଘଦିନ ତଳେ ଯୋଗାଇ ଦିଆଯାଇଥିବା ମୋବାଇଲ ପରିବ ନ କରି ଉନ୍ନତ ମାନର ମୋବାଇଲ ପ୍ରଦାନ, ବଜାର ଦର ଅନୁସାରେ SNP I T.H.R.ର ଦର ଧାର୍ଯ୍ୟ, ୫ ବର୍ଷ ଓ ୧୦ ବର୍ଷର ଇନ୍‌କ୍ରିମେ ପ୍ରଦାନ, ୬୨ ବର୍ଷ ବୟସରେ ବହିଷ୍କାର ଜନିତ ସହାୟତା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ସର୍ବନିମ୍ନ ପେନ୍‌ସନ୍ ତିନି ହଜାର ଟଙ୍କା, କେନ୍ଦ୍ରର ଟ୍ରାକିଂ ପ୍ରଥା ଉଚ୍ଛେଦ, ଅନ୍‌ଲାଇନ୍ ମାଧ୍ୟମରେ ପଠାଯାଉଥିବା ଭ ।ର ତ୍ରୁଟି ତୁରନ୍ତ ସମାଧାନ, ପ୍ରଧାନମନ୍ତ୍ରୀ ବୀମା ଯୋଜନା, ଅଟଳ ପେନ୍‌ସନ୍ ଯୋଜନା ଓ ଦୁର୍ଘଟଣାଜନିତ ବୀମା ଯୋଜନାର ସମ୍ପୃକ୍ତି ନିମନ୍ତେ ଅଙ୍ଗନୱାଡ଼ି କର୍ମୀଙ୍କୁ ବାଧ୍ୟ ନ କରିବା କିମ୍ବା ସେମାନଙ୍କ ପ୍ରିମିୟମ ଦେୟ ସରକାର ବହନ କରିବା, ମିନି ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିଣତ କରିବା, ମୁଖ୍ୟମନ୍ତ୍ରୀ ଚିକିତ୍ସା ପାଣ୍ଠି ସହାୟତା ନିମନ୍ତେ ଗାଇଡ୍‌ଲାଇନ୍ ସ୍ଥିର କରିବା ସହ ସମସ୍ତ ରୋଗ ନିମନ୍ତେ ଚିକିତ୍ସା ସହାୟତା, ଏ.କେ.ବି.ୱାଇ. ଅନୁସାରେ ପଡ଼ି ରହିଥିବା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ, ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପ ି ଅନୁସାରେ ୱାର୍କର ମାନ୍ୟତା, କେନ୍ଦ୍ର ସରକାରଙ୍କ ସୁପାରିଶ ଅନୁଯାୟୀ ଏ.ଏନ୍.ଏମ୍. ଓ ପ୍ରାଥମିକ ଶିକ୍ଷକ ନିମନ୍ତେ କୋଟା ଧାର୍ଯ୍ୟ ପ୍ରଭୃତି ଦାବି ନେଇ ଉକ୍ତ ଦିନ ଦାବିପତ୍ର ପ୍ରଦାନ ସହ ଏହା କାର୍ଯ୍ୟକାରୀ କରା ନଗଲେ ଆଗାମୀ ଦିନରେ ଦିବାରାତ୍ର ଧାରଣା ଅନୁଷ୍ଠିତ ହେବ ବୋଲି ଆହ୍ୱାନ ଦିଆଯାଇଛି।

# ଉତ୍କଳମଣି ଗୋପବନ୍ଧୁ ସେବାସଂଘ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବାସଙ୍ଘ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ ସିଭିକ୍ ସେଂଟର ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତପଥୀ ଯୋଗଦେଇ ପ୍ରତ୍ୟେକ ଓଡିଆଙ୍କ ବୁନିଆଦି ଓ ସ୍ୱାଭିମାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ସାଇକୃପା, ରତୁପୁର୍ଣ୍ଣା ଓ ସମ୍ପୁର୍ଣ୍ଣା ତ୍ରିପାଠୀ ଗାନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ମଂଚ ଆମନ୍ତ୍ରଣ କରିଥିବା ବେଳେ ମାଧୁରୀ ଶତପଥୀ, ମିନତୀ ସାହୁ ଓ ତପନ କିଶୋର ଷଡଙ୍ଗୀ ଭଜନ ପରିବେଷଣ କରିଥିଲେ । ଗୋପବନ୍ଧୁଙ୍କ ସମ୍ପର୍କରେ ବଳଦେବଜିୟୁ ହାଇସ୍କୁଲର ଛାତ୍ରୀ ସାଇସୁଲଗ୍ନା ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ 'ଲେଖନୀ' ପତ୍ରିକା ଓ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରବନ୍ଧ ପୁସ୍ତକ 'ଅମୃତ ତଟିନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପ୍ରଶଂସା ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସହ-ସମ୍ପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




# ଅପାର୍ଥିବ



## ବିପ୍ଳବ

କାତି ମାଛ ପରି ନଈ ପାଣିରେ ଚକ୍ ଚକ୍ କରୁଛି ଜହ୍ନ। ହେଲେ ଚହଲା ପାଣିରେ ଜହ୍ନର ଏଇ ଲୁଚକାଳି ଖେଳ ବିମୋହିତ କରି ପାରୁନି ପୁଣ୍ୟଶ୍ଲୋକକୁ। ରାତି ସରିବା ଆଗରୁ ହୁଏ ତ ତା ଜହ୍ନ ସମୟ ନଈର ଅଥଳ ଗର୍ଭରେ ହଜି ଯିବ ! ଅଲଗା ଦୁନିଆଁକୁ ଚାଲିଯିବ। ସିଠାକରି ଚୁପୁଡ଼ା ହେଇ ନଥିବା ପାଣି ଗାମୁଛା ପରି ଆଖି ଦୁଇଟିରୁ ଅବିଶ୍ରାନ୍ତ ଲୁହ ବୋହି ଚାଲିଛି। ଲୁହ ସବୁ ନଈ ପାଣିରେ ମିଶି ନିଜର ଅସ୍ତିତ୍ୱ ହରାଉଛନ୍ତି। ନଈ ବୁରୁଜ ଉପରେ ଭୂତ ପରି ବସିଚି ପୁଣ୍ୟଶ୍ଲୋକ। ଗୋଡ଼ ଦୁଇଟି ପୁଟିଆ ଯାଏଁ ପାଣି ଭିତରେ। ଛୋଟ ଛୋଟ ମାଛ ସବୁ ତା ଆଙ୍ଗୁଠି ଗୁଡ଼ିକୁ ଖୁମ୍ପି ତରକା ପ୍ରଜାପତି ପରି ଦୂରେଇ ଯାଉଥାନ୍ତି।

ନଈ ପନ୍ତାଳ ସାରା ଚମ୍ପା, କନିଅର, ଟଗର ଫୁଲଗଛଙ୍କ ହାଟ। ବାରମାସ ସେଇଠି ଫୁଲ ଆଉ ଭଅଁରଙ୍କ ରାସ। ଫୁଲ ତୋଳିବା ବାହାନାରେ ଚାଲି ଆସେ ପ୍ରୀତି। ତା ଆଗରୁ ନଈକୂଳ ଝଙ୍କା ଓସ୍ତଗଛ ପାଖ ଶନି ମନ୍ଦିର ଚାନ୍ଦିନୀରେ ବସିଥିବ ପୁଣ୍ୟଶ୍ଲୋକ। ହାତରେ ଥିବ ଫୁଲ ଭର୍ତ୍ତି ପଲିଥିନ୍। ପ୍ରୀତିକୁ ସେଇ ଫୁଲ ତକ ଧରେଇ ଦେଲେ ତା'ର ଦିନ ଯାକର ଦାୟିତ୍ୱ ଶେଷ ହୋଇଯାଏ ଯେମିତି। ସେଇ ମୁହୂର୍ତ୍ତକର ସାକ୍ଷାତ ପାଇଁ ସାରା ରାତି ଉଜାଗର ଥିବା ପରି ଲାଗେ ସେ। ଆଖି ଦୁଇଟି କଉଡ଼ିଆ ଦିଶୁଥିବ। ଓଠ ଧାରରେ ସରୁ ଲାଜୁଆ ହସ ଚେନାଏ ଲାଖି ଥିବ ଯେମିତି ଗୁଡ଼ି ପଛରେ ଅଠାରେ ଲାଖି ଥାଏ ତା ଲାଙ୍ଗୁଡ ! ତା ପ୍ରେମରେ ନିବେଦନ ନଥାଏ, ଆବେଗ ଥାଏ କି ନଥାଏ କେଜାଣି ପ୍ରୀତି ବୁଝି ପାରେନି। ବେଳେବେଳେ ସେ ପୁଣ୍ୟଶ୍ଲୋକକୁ ମାଇଚିଆ କହେ ଅବଶ୍ୟ ମନେ ମନେ। ପାହାନ୍ତି ପହର ନଈ କୂଳରେ ଏକଲା ଝିଅକୁ ଦେଖି ଅକ୍ଷତ ଛାଡ଼ି ଦେବା ଗୋଟେ ମାଇଚିଆର କାମ ବୋଲି ସେ ଭାବେ। ଏମିତି ବରଫଭର୍ତ୍ତି ମନ ନେଇ ବଞ୍ଚୁଥିବା ଥଣ୍ଡା ମିଜାଜର ଲୋକଟାକୁ ସେ କେମିତି ପ୍ରେମ କଲା କେଜାଣି ! ନିଜ ପ୍ରଶ୍ନ ଜାଲରେ ଛନ୍ଦି ହୁଏ ପ୍ରୀତି।

ଦିନେ ପ୍ରୀତି ସରମକୁ ବଳି ପକେଇ ମୁହଁ ଖୋଲିଲା।

– ମୋ ମଥାରେ ସିନ୍ଦୂରଦେଇ ତମ ଘରକୁ ନେଇ ଯା ପୁନିଆ ଭାଇ। କହିବୁ ତ କାଲି ସିନ୍ଦୂର ନେଇ ଆସିବି, ଏଇ ଶନି ଠାକୁରଙ୍କୁ ସାକ୍ଷୀ କରି ମୋତେ ଆଦରି ନେବୁ। ମୁଁ ସବୁ ଦିନ ପାଇଁ ତୋ'ର ହେଇଯିବି। ଥରେ କୁଣିଆ ଯିବା ଆସିବା ହେଲାଣି। କଥା ଆଗକୁ ବଢ଼ିବା ଆଗରୁ ତୁ ବଢେଇ ଦେ।

– ଜାଣିଛୁ ତୁ , ବାପା ମୋ ନାଁ କଣ ପାଇଁ ପୁଣ୍ୟ ରଖିଥିଲେ ? ମୁଁ କେବେ ପାପ କରିବିନି, ଏମିତି ବିଶ୍ୱାସ ତାଙ୍କର ଥିଲା ବୋଲି।

– ବାହା ହେବା ପାପ ନା ଭଲ ପାଇବା ପାପ ?

– ଫେରାର ହୋଇଯିବା ପାପ। ମୁଁ ତାଙ୍କ ଭରସା ଭାଙ୍ଗି ପାରିବିନି।

– ତେବେ କଣ ମୋ ଭରସା ଭାଙ୍ଗି ଦେବୁ !

– ମୁଁ କେତେବେଳେ କହିଲି ?

– ଆଉ କେମିତି କୁହନ୍ତୁ ଯେ ? ଗୋଟେ ଅଭିଆଡୀ ଝିଅକୁ ଲୁଚି ଲୁଚି ଅନ୍ଧାର ଭେଟିବା କଣ ପାପ ନୁହେଁ ?

– ପାପ ନୁହେଁ ପ୍ରେମ। ପାପ ହୋଇଥିଲେ ପେଟ ଫୁଲେଇ ଚାଲନ୍ତୁଣି।

– ତତେ ଲାଜ ଲାଗୁନି, ଏମିତି ଅଭଦ୍ରଙ୍କ ପରି କହୁଚୁ ? ଜାଣିଛୁ ନା ଦୂରରେ ଅଲିଭା ଠିଆ ହୋଇଛି। ସେ ଯଦି ଶୁଣିବ ତୋ ବିଷୟରେ କଣ ଭାବିବ ?

ଅନ୍ଧାରରେ ବିତିଗଲା କିଛି କ୍ଷଣ। ପାଟି ଖୋଲିଲା ପୁଣ୍ୟଶ୍ଲୋକ।

– ମୁଁ ତ ସାରା ଜୀବନ ତୋ ସହ ରହିବି।

– କୋଉଠି, ଏଇ ନଈ ପନ୍ତାଳରେ ?

– ନ ଶୁଣି କାହିଁକି ଏମିତି ହେଉଚୁ ? ଜାଣିଛୁ ନା ମୋ ରୋଜଗାର ନାହିଁ। ଟିକେ ଥୟ ଧ। କାମରେ ଲାଗିଗଲେ ମୁଁ ବଳେ ତମ ଘରକୁ ଶୁଭ ଖବର ଟା ନେଇ ଯିବି।

– କେବେ ଆଉ, ଏକେଣା ଗୁରୁବାରେ ?

– ରହୁନୁ। କାଇଁ ସେମିତି ହେଉଛୁ ? ଜାଣିଛୁ, ଆଜି ଜଣେ ସାଙ୍ଗ ତା ଷ୍ଟାଟସ୍ କଣ ରଖିଥିଲା ? ଫଗୁଣ ମାସ ଆସିଲେ କଳା ଭୁସୁଣ୍ଡା ଚନ୍ଦା ଚାକିରିଆ ଟୋକା ମାନେ ଆସି ଅନ୍ୟ ମାନଙ୍କ ସ୍ତ୍ରୀକୁ ବାହା ହେଇ ନେଇଯିବେ।

ହାଃ.... ହାଃ..

ପ୍ରୀତି ବି ହସିଲା ହୋ ହୋ ହୋଇ।

ଦୂରରୁ ଅଲିଭା ତାଗିଦା କଲା।

– ହେ... ପ୍ରେମ ସେତିକି ଥାଉ, ରାତି ସରି ଯାଉଛି, ଲୋକେ ଉଠିଲେଣି।

ପ୍ରୀତି କଥାକୁ ସେଇ ଦିନରୁ ସିରିୟସ ଭାବରେ ନେଇଥିଲା ପୁଣ୍ୟ। ଚାକିରୀ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲା।ହେଲେ ସାଧାରଣ ବର୍ଗ ପିଲାଙ୍କୁ କଣ ମିଳୁଛି ଏ ଦେଶରେ ? ଅଧିକାଂଶ ଚାକିରୀ ସଂରକ୍ଷିତ ପିଲାଙ୍କୁ ମିଳୁଥିଲା। ବାକି ତକ ବିକ୍ରିହେଇ ଯାଉଥିଲା। ତା ପରି ନିମ୍ନ ମଧ୍ୟବିତ୍ତ ପିଲା ପାଇଁ ମେଧାବୀ ହେବା ବି ଅଭିଶାପ।

ଅନେକ ବୁଲାବୁଲି ପରେ ଗୋଟିଏ ଗାଡ଼ି ଫାଇନାନ୍ସ କମ୍ପାନୀରେ ସୁଯୋଗ ମିଳିଲା। ପ୍ରଥମେ ପ୍ରଥମେ ସେ କାମ ଅଡୁଆ ଲାଗୁଥିଲା। ମାସେ ଦୁଇ ମାସ ଭିତରେ ଦେହସୁଆ ହୋଇଗଲା। ବେଳେବେଳେ କଲେକ୍ସନ କାମରେ ଦୂର ବାଟ ଯିବାକୁ ହେଉଥିଲା ଆଉ ସେଦିନ ଫେରିବା ସମ୍ଭବ ହେଉ ନଥିଲା। ଆଞ୍ଚଳିକ ଅଫିସରେ ରାତି କାଟିବାକୁ ପଡୁଥିଲା। ପ୍ରୀତି ପାଇଁ ସମୟ ନିଅଣ୍ଟ ପଡୁଥିଲା। ଦିନ ସାରା ବୁଲାବୁଲି ଯୋଗୁଁ ସେ କ୍ଳାନ୍ତ ହୋଇ ପଡୁଥିଲା।ବେଳେବେଳେ ଜଲଦି ବିଛଣା ଧରୁଥିଲା।ରୁଟିନବନ୍ଧା ଜୀବନ ଶୈଳୀ ତା'ର ବଦଳିବାକୁ ଲାଗିଲା। ପ୍ରୀତି ବ୍ୟସ୍ତ ହେଉଥିଲା।

ପୁଣି ଥରେ କୁଣିଆ ଆସି ଗଲେଣି। ଘର ନହେଉ ପଛେ ମୋତେ ନେଇ ଯା।ସେଇ ଭଡ଼ା ଘରେ ରହିବି।

ନାଚାର ଥିଲା ପୁଣ୍ୟ।

ଘରର ସବା ସାନ ପୁଅ। ବାପା ଙ୍କୁ ସେ ଦେଖିନି ଜୀବନରେ। ଚାଷ କାମ ବେଳେ ବଜ୍ରପାତରେ ତାଙ୍କ ଜୀବନ ଚାଲି ଯାଇଥିଲା। ସେତେବେଳେ ସେ ମା ପେଟରେ ଥିଲା। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ସେଥିପାଇଁ ବଡ଼ ଭଉଣୀ ଦୋହରି ପକ୍ଷରେ ବାହା ହେଲା। ଯାହା ହାତ ଧରିଥିଲା ତା'ର ଆଗରୁ ଗୋଟିଏ ଝିଅଙ୍କ ଥିଲା।

ସାନ ଭଉଣୀଟିର ବି ଘରେ ବାହାଘର ହୋଇ ପାରି ନଥିଲା। ତୋଳାକନ୍ୟାରେଙ୍କ ହାତଗଣ୍ଠି ପଡି ଥିଲା।

ବୋଉ ସଦାବେଳେ ମନ ଉଣା କରୁଥିଲା।

ଝିଅ ଦି ଟା ଯାହା ଯେମିତି ଗଲେ ପୁଅକୁ ଦୁଆରେ ବାହା କରିବ। ଘର ଆଗରେ ଛାମୁଣ୍ଡିଆ କରିବ। କଦଳୀ ଗଛ ପୋତି କଳସୀ ବସେଇବ। ଗାଁ ଲୋକଙ୍କୁ ଭଲ କି ଖାଇବାକୁ ଦେବ।

ପୁଣ୍ୟର ବି ଇଛା ଥାଏ ଘରୁ ବାହା ହେଇ ଯିବ। ପାଲିଙ୍କିରେ ବସିବ ବର ବେଶ ହୋଇ। ଅବଶ୍ୟ ଆଜି କାଲି କେହି ସବାରୀ ପାଲିଙ୍କିରେ ବାହା ହେଇ ଯାଉ ନାହାଁନ୍ତି। ଆଉ ଶୁଭୁନି ହାକୁମ ଧାବଲ ଶବ୍ଦ

। ତଥାପି ପୁଣ୍ୟର ଆଶା ମରି ଯାଇନି। ତା ଆଶା ପୂରଣ ହେବ ଯଦି ଆର ଗାଁ ଝିଅ ପ୍ରୀତିକୁ ସେ ବାହା ହୁଏ।ହେଲେ ପ୍ରୀତି ବ୍ୟସ୍ତ କରୁଛି। କୁଣିଆ ପରେ କୁଣିଆ ଆସୁଛନ୍ତି ତାକୁ ଦେଖିବାକୁ। କେତେ ବାହାନା କରିବ ? ସେ କାହାକୁ ଭଲ ପାଏ, ଏ କଥା ପରିବାରରେ କହି ପାରୁନି। ନିଜ ମନ କଥା ପରିବାର ଆଗରେ ପ୍ରକାଶ କରିବାରେ ଆଜି ବି ଝିଅଟିଏ ପଛରେ।

ପୁଣ୍ୟଶ୍ଲୋକ ଉପରେ ତା'ର ସମସ୍ତ ଭରସା କେନ୍ଦ୍ରୀଭୂତ। ସେ କିନ୍ତୁ ମନ ବୁଝିଲା ପରି ଭରସା ଦେଇ କଥା ପଦେ କହୁ ନଥିଲା। ବରଂ ତା ଠୁଁ ଦୂରେଇ ଯିବା ପରି ସେ ବେଳେବେଳେ ଅନୁଭବ କରୁଥିଲା।

ପ୍ରୀତି ବ୍ୟସ୍ତ ହୋଇ ବାରମ୍ବାର ଫୋନ କରୁଥିଲା। ସବୁ କଲ୍ ର ଉତ୍ତର ଦେଉ ନଥିଲା ପୁଣ୍ୟ।

ଦିନେ କ୍ରୋଧ ବଶତଃ କହିଲା – ଲାଗି ଲାଗି ତ ତୋଠୁ ଦୂରେଇ ଦେଲୁ। ତୋ ସହ ଭଲରେ କଥା ପଦେ ହେବାକୁ ସମୟଙ୍କ ମିଳୁନି। ଖରାରେ ବୁଲି କଳା କାଠ ପଡ଼ି ଗଲିଣି। ଘର ଅଧା ହେଇ ପଡ଼ିଛି। ତତେ ଆଣି କୋଉଠି ରଖିବି ? ତତେ ଯଦିଙ୍କ ମିଲିଟାରିଆ ମିଳୁଚି ବାହା ହେଇ ଯା।

ପ୍ରୀତିକୁ ବହୁତ ବାଧିଲା ଏଇ କଥା। ସେ ଜାଣିଚି ପୁନିଆ ଭାଇ ରାଗରେ କହିଛି। ତଥାପି ସେ ନିଜକୁ ବୁଝେଇ ପାରୁ ନଥିଲା। ବହୁତ କଷ୍ଟ ଲାଗୁଥିଲା ତାକୁ।

ଶେଷକୁ ଅନ୍ୟତ୍ର ବାହା ହେବାକୁ ସେ ରାଜି ହେଲା। ତା'ର ବିଶ୍ୱାସ ଥିଲା ତା ବାହାଘର ଖବର ସେ ଅନ୍ୟ ଠୁଁ ପାଇଲେ ସିରିୟସ୍ ହେବ ଆଉ କିଛି ଯୋଜନା କରିବ, ନହେଲେ ସେମିତି ଦିନ ଗଡ଼ ?ଇ ଚାଲୁଥିବ।

ବାହାଘର ଦିନ ପାଖେଇ ଆସୁଥିଲା। ପୁଣ୍ୟର ଖୋଜ ଖବର ନଥିଲା। ତା'ର କାର୍ଯ୍ୟ କଳାପ ବିଷୟରେ ପ୍ରୀତି କିଛି ଜାଣି ପାରୁ ନଥିଲା।

ପୁନିଆ ଭାଇ ଆଉ ଭୁଲ୍ ବୁଝିଲା କି ?

ତା ମନ ପାପ ଛୁଁ ଥିଲା। ପୁଣି ନିଜକୁ ସେ ବୁଝେଉ ଥିଲା।

ଆଜି ବାହାଘର।ଦୁଆର ମୁହଁରେ ଶୁଭ କଳସୀ ବସି ସାରିଥିଲା। ଟେଣ୍ଟ ବନ୍ଧା ବି ସରିଥିଲା। ଘରେ କୁଣିଆ ମୈତ୍ର ହାଉ ଯାଉ। ଦାଣ୍ଡ ବାରଣ୍ଡାରେ ମାଇକ ବାଜୁଥିଲା। ତୁ ଚାଲିଯିବୁ ତୋ ଶାଶୁ ଘର ଫୁଲର ସବାରୀରେ... ଗୀତ ତା ଛାତି ଭିତର କୋରପି ପକାଉଥିଲା।

ଖଳା ବାଡ଼ିରେ ଭୋଜି ପାଇଁ ବ୍ୟବସ୍ଥା ହୋଇଛି। ଭୋଜି ବାସ୍ନା ତାକୁ ଅଥୟ କରି ଦେଉଚି। ତା ପ୍ରାଣ ଛଟପଟ ହେଇ ଉଠୁଚି। ପୁଣ୍ୟ କଲ୍ ବ୍ୟାକ କରୁନି। ସେ କଲ୍ କରି ହାଲିଆ ହୋଇ ଗଲାଣି।ଙ୍କ ଅଲିଭା ଖବର ନେଇ ଜାଣି ପାରିଲା ସେ ଆଜି ଗାଁ କୁ ଫେରିଛି।

ଦି, ତିନି ପଙ୍କ୍ତି ଭୋଜି ଖାଇ ଲୋକେ ଗଲେଣି। ରାତି ନ ଟା ହେଲାଣି।ଛକ ପାଖ ଦଣ୍ଡା ବରଗଛ ମୂଳରେ ବରଯାତ୍ରୀ ପ୍ରସ୍ତୁତି ହେଲେଣି।

ତା ମୋବାଇଲ୍ କୁ ମେସେଜ ଆସିଲା।

ମୁଁ ବୁରୁଜ ଉପରେ ତତେ ଅପେକ୍ଷା କରିଛି।

ହଜାର ହଜାର ମେଘଖଣ୍ଡ ଭିତରୁ ଯେମିତି ଜହ୍ନ ଚମକି ଉଠିଲା।

ପ୍ରୀତି ଛାତି ଭିତର ଧଡ୍ ଧଡ୍ ହୋଇ ଉଠିଲା।

ଏ ମାୟାରୁ ମୁକୁଳିବା ମୁସ୍କିଲ୍। କେହି ଯେମିତି ଗଦ ସୁଙ୍ଘ ?ଇ ଆଗେ ଆଗେ ଚାଲି ଯାଉଛି। ପଛେ ପଛେ ପ୍ରୀତି। ପଛକୁ ଫେରି ଚାହିଁବାର ଯୁ' ନାହିଁ।

ଶନି ମନ୍ଦିର ପାଖରେ ଠିଆ ହୋଇ ରହିଲା ଅଲିଭା। ଆଗକୁ ପାଦ ବଢେଇଲା ପ୍ରୀତି।

ନିଛାଟିଆ ଜହ୍ନରାତି, ଶୁନଶାନ୍ ନଈ ପଠା।

ବୁରୁଜର ସବା ଶେଷ ମୁଣ୍ଡରେ ବାବନା ଭୂତ ପରି ବସିଚି ପୁଣ୍ୟଶ୍ଲୋକ।

ଧଇଁ ସଇଁ ହୋଇ ଧାଇଁଚି ପ୍ରୀତି। କେଶ ବାସ ଅସମ୍ଭାଳ। ପଛ ପଟୁ ଜାବୁଡ଼ି ଧରିଲା ପୁଣ୍ୟଶ୍ଲୋକକୁ। ଆଖିରୁ ଧାର ଧାର ଲୁହ। ନାକରୁ ଗରମ ନିଃଶ୍ୱାସ। ଓଠରେ ପରିତୃପ୍ତିର ହସ।

ମୁଁ ଜାଣିଥିଲି ପୁନିଆ ଭାଇ। ତମ ସାମନାରେ ମୁଁ ଆଉ କାହାର ହେଇଯିବି ତମେ ସହି ପାରିବନି। ହେଲେ ବହୁତ ଡେରି କରିଦେଲ ପାଗଳ। କଣ ହେଇଥାନ୍ତା ଯଦି ମୋ ହାତ ଗଣ୍ଠି ପଡ଼ିବା ଆଗରୁ ତମକୁ ପାଇ ନଥାନ୍ତି !

ଅଚାନକ ପୁଣ୍ୟଶ୍ଲୋକ ବୁଲି ପଡ଼ି ପ୍ରୀତି ଠୁଁ ନିଜକୁ ଅଲଗା କରି ନେଲା।

– ମୁଁ ସେଦିନ କହୁଥିଲି ଆଉ ଆଜି ବି କହୁଚି ଏ ସବୁ ପାପ। ଆଉ ପର ସ୍ତ୍ରୀକୁ ଛୁଇଁବା ମହା ପାପ।

ଚମକି ପଡ଼ିଲା ପଡ଼ିଲା ପ୍ରୀତି।

ପର ସ୍ତ୍ରୀ... !

ତା ଆଖିର ଆନନ୍ଦାଶ୍ରୁ ଠକ୍ କିନା ବନ୍ଦ ହୋଇ ଗଲା। ଓଠର ସେଇ ଧାରେ ହସ ଫୁଲ ମଉଳି ଗଲା।

– ତୁ ଏ କଣ କହୁଚୁ ପୁନିଆ ଭାଇ ?

– ତୁ ଗୋଟେ ବାଜେ ଝିଅ, ଆଉ କାହା ପାଇଁ ବାଡୁଅ ପାଣି ଗାଧେଇ, ପାଦରେ ଅଳତା ଲଗେଇ ଚାଲି ଆସିଚୁ ଭଲେଇ ହେବାକୁ ? ବାପା ମାଆ ଙ୍କ ଇଜ୍ଜତ ବିକି ପର ପୁରୁଷ ପାଇଁ ରାତି ଅଧରେ ଗୋଡ଼ କାଢ଼ିଛୁ ? ଛିଃ...

– ତୁ ଏମିତି କଣ କହୁଚୁ ? ନିଜେ ତ ମେସେଜ କଲୁ।

– ତୋ ବାହାଘର ପାଇଁ ଅଭିନନ୍ଦନ ଜଣାଇବାକୁ ଡାକିଥିଲି। ଏବେ ସରିଲା। ଯା।

ଛଟ ପଟ ହୋଇ ଉଠିଲା ପ୍ରୀତି।

କାହାର ଏ ସ୍ୱର

କାହାର ଏ ଭୟଙ୍କର ମୂର୍ତ୍ତି ?

ଏ କଣ ସେଇ ପୁଣ୍ୟଶ୍ଲୋକ !

ପୁଣ୍ୟଶ୍ଲୋକର କମନୀୟ ଶରୀର ଆହୁରି ଭୟଙ୍କର ଦିଶୁଥିଲା।

ପ୍ରୀତି ନିର୍ବାକ୍।

ତା ଓଠରେ ଭାଷା ନାହିଁ।

ମନରେ କାମନା ବାସନା କିଛି ନାହିଁ। ଶରୀରରେ ଉତ୍ତାପ ନାହିଁ। ଏଇ ଜହ୍ନରାତି ପରି ତା ଭିତର ନିଛାଟିଆ।

ଆକାଶରୁ ଝରୁଥିବା କାକରଠୁଁ ତୀବ୍ର ବେଗରେ ଆଖିରୁ ଖସୁଛି ଲୁହ। ଏବେ ଏଇ ମଗୁଶିର ମାସର ଶୁଖିଲା ନଈ ପଠାରେ ପୁଣି ଥରେ ବନ୍ୟା ହେବ !

ଯେମିତି ଧଇଁ ସଇଁ ହୋଇ ଗୈଡ଼ି ଆସିଥିଲା ସେମିତି ପଛ କରି ଗୈଡିଲା ପ୍ରୀତି। ଅଲିଭାକୁ କି ଉତ୍ତର ଦେବ। କେମିତି କହିବି ତା ଆଦରର ପୁନିଆ ଭାଇ ଗୋଟେ ଧୋକାବାଜ୍ ପ୍ରେମିକ ବୋଲି ?

ତା ପାଦ ଶିଥିଳ ହୋଇ ପଡୁଥିଲା। ଆଗକୁ ପାଦେ ଯିବାର ସମସ୍ତ ଶକ୍ତି ସେ ହରେଇ ସାରିଥିଲା । ଟିକିଏ ବସି ନ ପଡ଼ିଲେ ମାଟି ହାମୁଡ଼ି ପଡ଼ିଯିବ ଯେମିତି !

ଆଗରୁ ଗୈଡୁଛି ଅଲିଭା।

ସମ୍ଭାବତଃ ତା'ରି ଆଡ଼କୁ ?

ସେ ସବୁ ଜାଣି ଦେଲା ନା କଣ ନା ଘର ଲୋକଙ୍କ ପାଖରେ ତା ଫେରାର ହୋଇଯିବା ଖବର ପହଞ୍ଚିଗଲା !

ହେ ଭଗବାନ !

ସେ ଏବେ କଣ କରିବ ?

ଅଲିଭା ଚିଲେଇଲା।

– ଦେଖି। ପୁଣ୍ୟ କଣ ମେସେଜ କରିଚି ମୋ ହ୍ୱାଟସଅପ୍ କୁ ।

' ପ୍ରୀତି ବିନା ପୁଣ୍ୟର ସ୍ଥିତି କଣ ? ମୋ ଆଖି ସାମନାରେ ମୋ ପ୍ରୀତି ଆଉ କାହାର ହେଇଯିବ ମୁଁ କେମିତି ସହିବି ? ପ୍ରୀତି ମୋତେ ଘୃଣା ନକରି ବଞ୍ଚି ପାରିବ ନାହିଁ। ସେଥିପାଇଁ ତାକୁ ମିଛରେ ମନଭରି ଗାଳି ଦେଇଚି। ଅଲିଭା ସାରା ଜୀବନ ତମେ ଏଇ ମେସେଜ ଗୁପ୍ତ ରଖିବ। ମୋ ପୁଣ୍ୟ ପ୍ରେମର ସାକ୍ଷୀ ଏଇ ପୁଣ୍ୟନଦୀ ଆଉ ତମେ। ତମେ ଏ ମେସେଜ ପଢ଼ି ସାରିବା ଆଗରୁ ମୋ ପ୍ରଶ୍ୱାସ ବନ୍ଦ ହୋଇ ସାରିଥିବ।

ମୋବାଇଲ ଫୋପାଡ଼ି ଦୁହେଁ ଗୈଡିଲେ ବୁରୁଜ ଆଡକୁ।

ସେଠି ନଥିଲା ପୁଣ୍ୟଶ୍ଲୋକ।

ବସିଥିବା ପଥର ପାଖରେ ଥୁଆ ହୋଇଥିଲା ତା ଚପଲ ଆଉ ମୋବାଇଲ।

ଦୁହେଁ ପରସ୍ପରକୁ ଜାବୁଡି ଭୋ ଭୋ କାନ୍ଦି ଉଠିଲେ।

ବନ୍ଧ ସେପଟୁ ଶୁଭୁଥିଲା ବାଣ ଫୁଟିବାର ଶବ୍ଦ। ବୋଧହୁଏ ବରଯାତ୍ରୀ ପ୍ରସେସନ ଆରମ୍ଭ ହେଲା !

*ମକୁନ୍ଦପୁର, ବାଙ୍କୀ*
*ମୋ : ୯୪୩୭୪୬୮୦୧୬*

## ଭାବନା ଭିତରେ ତୁମେ

*ଲୋପାମୁଦ୍ରା ଜେନା*



ମିଛିମିଛିକା ମୋ' ଝଗଡାକୁ ତୁମେ
ସତ ବୋଲି ଭାବ କିଆଁ ?
ଆମ ଗମାଁ-ଆକାଶୁ ଝରୁଛି କି ମେଘ
ପଚାରୁଛ ପୁଣି ଆହା !!

ଆମ ଗାଁ-ଅକାଶୁ ମେଘ ଝରିଗଲେ
କବରୀକୁ ମୋ'ର ଛୁଇଁ !
ତୁମ ମନେ କିଆଁ ଈର୍ଷାର ଅନଳ
ଜଳୁଅଛି ରହି ରହି ??

ଆମ ଗାଁ-କଦମ୍ବ ଫୁଲ ମହକଇ
ବହଲେ ବାସନା ଢାଳି !

ତୁମ ଛାତିତଳ କିଆଁ ଓଦା ହୁଏ
ବରଷାକୁ ଦେଇ ଗାଳି !!

ବାଦଲ ଚାଲିଲେ ତୁମ ଗାଁ-ଆକାଶେ
ଆମ ଗାଆଁଆଡେ ଚାହିଁ !

ତୁମେ କିଆଁ ହୁଅ ରାଗେ ଗରଗର
ବୁଝି ନପାରଇ ମୁହିଁ !!

ଆମ ଗାଁ-କେତକୀ କିଆ ଫୁଟିଲେଣି ,
ପବନ ଉଡାଏ ବାସ !
ତୁମ ମନତଳେ ମିଛ ଅଭିମାନ
ହୋଇ ଯିବ ବୋଧେ ଶେଷ !!

ଟୁପୁରୁଟାପୁରୁ ବରଷୁଛି ମେଘ ,
ବେଙ୍ଗୁଲି ଗାଉଛି ଗୀତ !

ବେଙ୍ଗ ରାଜା ହାତେ ଚିଠିଟିଏ ଲେଖି
ପଠାଇଛି ମୁହିଁ ମିତ !!

ସେ ଚିଠି ପଢିଲେ ତୁମ ଛାତି ତଳ
ହୋଇଯିବ ଓଦା ଓଦା !
କାଶତଣ୍ଡୀ ଫୁଲ ଫୁଟି ଯିବ ସେଠି
ପ୍ରୀତିଗୀତ ଗାଇ ସଦା !!

ମେଘ ବରଷୁଛି , ଭାବନା ବଢୁଛି ,
ମନେ ଜାଗେ କୁତୁହଳ !
ଆମ ଗାଁ-ତୋଟା ସତେ କି ଝରାଏ
ଅଦିନେ ଆମ୍ବ ବଉଳ !!

ଆମ ଗାଁ ନଈ ଗୀତଟିଏ ଗାଇ
କୁଳୁକୁଳୁ ଯାଏ ବହି !
ସେ ଗୀତର ସୁର ତୁମ ନଈ କୂଳେ
ଶୁଭୁଥାଏ ଲହରେଇ !!

*ବାଲାଜୀ କମ୍ପ୍ଲେକ୍ସ*
*ଝାରପଡା, ଭୁବନେଶ୍ୱର*

## ଆଶ୍ୱାସନାର ଅନ୍ତରାଳେ

*ସୁଧାକର ରାଉତ*



ଇର୍ଷା, ଦ୍ୱେଷ, ଘୃଣା, ପରଶ୍ରୀକାତରତା
ଅହମିକାର ଯେତେସବୁ
କୋଳାହଳ
ଆଜି ଯାଇଛନ୍ତି ନୀରବି ।
ଏତେବଡ଼ ସହର
ତା ଅଭିଜାତ୍ୟ ର
ଭିଟାମାଟି
ସବୁ ଛାରଖାର ।
ବିଦ୍ରୂପ ଓ ଉପହାସ କରେ
ମନର ଯେତେସବୁ
ଉତ୍କଣ୍ଠା, ଉଦବେଗ ।
ଚରମ ବିପର୍ଯ୍ୟୟ ର ଛାପ
ବଖାଣେ ଆପେ ଆପେ
ସତେ ଅବା
ନିସ୍ତାର ନାହିଁ କାହାର ।
ଧ୍ୱଂସ ସ୍ତୁପ ତଳେ
ଜୀବନ ଖୋଜୁଛି ନିଜକୁ
ଓ ନିଜର ରକ୍ତର ଗାର କୁ ।
ମାତ୍ର ସ୍ମୃତି ର
ସରୁ ରେଖାଟିଏ
ସ୍ୱତଃ ଆଙ୍କି ହୋଇ
ମନେ ପକାଏ
ସେହି ସର୍ବଗ୍ରାସୀ
ଆଉ ସର୍ବଧ୍ୱଂସୀ
ମୂହୁର୍ତ୍ତ ଟିକୁ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଅପେକ୍ଷା

*ପୂର୍ଣଚନ୍ଦ୍ର ବହଳୀ*



ଆମେ ବଡ଼ ହୋଇଗଲେ
ପକ୍ଷୀମାନଙ୍କ ବସା ପରି
ଘର ଥିଲା ଆମର
ଏବେ ଶ୍ମଶାନ ସଦୃଶ ହୋଇଗଲା ।
ସେତେବେଳେ ସକାଳ ହୋଇ
ରାତି କେବେ ହେଉଥିଲା
ସମୟ ଜଣା ପଡୁ ନଥିଲା
ଏବେ ଅପେକ୍ଷା କରି କରି
ସମୟ ବିତାଇବାକୁ ପଡୁଛି ।
ଘର ବାହାରେ ଯେଉଁଠି ଅଳିଆରେ
ଭରପୁର ଥିଲା
ଏବେ ଦୀପାବଳିରେ ବି
କେବଳ ଧୂଳି ଛଡା କିଛି ନାହିଁ ।
ଏକଲା ରହିବାରେ ଭଲ ଲାଗୁ ନଥିଲା
ଏବେ ଏକଲା ହିଁ ପ୍ରିୟ ହୋଉଗଲା ।
ଏବେ ଆମେ ବଡ଼ ହୋଇଗଲେ
ଦୁନିଆ ବଡ଼ ହୋଇଗଲା
ପିଲା ବଡ଼ ହୋଇଗଲେ
ମୁଁ ପିଲା ହୋଇ ରହିଗଲି
ବଡ଼ ହେବା ଅପେକ୍ଷାରେ ।

*ସମ୍ପାଦକ, ଶିବାନୀ*
*ଭଦ୍ରକ*

## ଭୟ



ସୁଦର୍ଶନ ମହାପାତ୍ର

'ଅରଣା ମଇଁଷି ରହିଛି ଅନାଇ, ମଇଁଷିର ପାଶ ନଯାଅ ଦନେଇ' ଉକ୍ତିଟି ଦୀନବନ୍ଧୁ ମନରେ ପିଲାବେଳୁ ଯେତିକି କୌତୂହଳ ଭରିଥିଲା ସେତିକି ଭୟ ଉଦ୍ରେକ କରିଥିଲା।

ପ୍ରଥମତଃ ସେତେବେଳେକୁ ସେ ମଇଁଷିଟିଏ ଦେଖିବାର ସୁଯୋଗ ପାଇନଥିଲା। ଦ୍ୱିତୀୟତଃ ମଇଁଷିଟିର ଗୁଣ ଗାରିମା ବିଷୟରେ ସେ ଯେତିକି ଅନୁଭବ କରୁଥିଲା ସେଇଟିକୁ ସେ ଯାହା ସହିତ ତୁଳନା କରୁଥିଲା ସେଇଟାକୁ ନିଜ ଭିତରେ ମୋଡ଼ି ମକଚି ରଖିବା ଛଡ଼ା କିଛି ଉପାୟ ନଥିଲା। ସତକଥା କହିବାକୁ ଗଲେ ତା' ବିବେକ ତାକୁ ଗରହିତ ଅପରାଧ ବୋଲି ଅଭିହିତ କରୁଥିଲା। ହେଲେ ଉକ୍ତି ଟି ଭିତରେ 'ଦନେଇ' ନାମର ବ୍ୟବହାର ତାକୁ ନିଜ ନାମ ଦୀନବନ୍ଧୁ ସହିତ ମେଳକ କରିବାକୁ ବାଧ କରୁଥିଲା । ତେଣୁ ମଇଁଷି ରୁ ଅରଣା ମଇଁଷିର ବ୍ୟବହାର ତାକୁ ଭୟଙ୍କର ପ୍ରତୀତ ହେଉଥିଲା।

ଦୁଇ ଭାଇ ଓ ଗୋଟିଏ ଭଉଣୀ ସେମାନେ। ଦୀନବନ୍ଧୁ ଉପରେ ଜଗବନ୍ଧୁ ଏବଂ ସବାବଡ ଭଉଣୀ। ଦାଦାଙ୍କର ଗୋଟିଏ ପୁଅ କୃପାସିନ୍ଧୁ । ପିଲାଦିନୁ ଦୀନବନ୍ଧୁ ମଧ୍ୟରେ ହୀନମନ୍ୟତା ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ ତା ଉପର ଭାଇ ଭଉଣୀ ଦୁଇଜଣ। 'ବଡ଼ପୁଅ ବାପାର, ସାନପୁଅ ମାଆର, ମଝିଆ ପୁଅ ବାହାର ଅବା ନୁହେଁ କାହାର' ଲୋକକଥାକୁ ବାରମ୍ବାର କହି ଦୀନବନ୍ଧୁ ମନରେ ସେମାନେ ସେଇ ପ୍ରକାର ଚିନ୍ତାଧାରା ପ୍ରବେଶ କରେଇ ଦେଇଥିଲେ।

ଦୀନବନ୍ଧୁ ସବା ଉପର ଭଉଣୀକୁ ଅପ୍ରସ୍ତୁତ କରିବା ପାଇଁ 'ତୁ ତ ତୋ ଶାଶୁଘର ଯିବୁ' ବୋଲି କହି ତାଙ୍କ ଘରର କେଇ ଦିନର ଅତିଥି ବୋଲି ଅଭିହିତ କରେ। ଏଇ କଥାଟିକୁ ସେ ବୋଉ ଠାରୁ ଉଦ୍ଧାର ସୂତ୍ରରେ ପାଇଥିଲା ବୋଲି ସ୍ଥଳ ବିଶେଷରେ ପ୍ରୟୋଗ କରେ। ହେଲେ ଯେଉଁଦିନ ବଡ଼ ଭଉଣୀ 'ମୁଁ ତ ମୋ ମାମୁ, ମାଇଁ ଆଉ ଆଈଙ୍କ ଗେହ୍ଲି' ବୋଲି ଦାବି କଲା ସେଦିନ ବଡ଼ ଭଉଣୀ ମିଛ କହୁଛି ବୋଲି ଦୀନବନ୍ଧୁ କହିଲାରୁ, ପ୍ରଥମାଷ୍ଟମୀ ରେ ମାମୁ ଖାଲି ତାକୁ ନୂଆ ଡ୍ରେସ୍ ଆଣି ଦିଅନ୍ତି ବୋଲି ସେ ପ୍ରମାଣ ଦେଲା।ପୁଣି ଥରେ ଦୀନବନ୍ଧୁ ଦୁଃଖୀ ହୋଇଗଲା। କଥା ଖାଲି ସେତିକିରେ ସରେ ନାହିଁ। ସାନଭାଇ କୃପାସିନ୍ଧୁ ତା ମାମୁଘର ଡ୍ରେସ ପାଏ ଏବଂ ସେଇ ପ୍ରଥମାଷ୍ଟମୀ ଦିନ କିମ୍ବା ତା' ପୂର୍ବରୁ ବାପା କଲିକତାରୁ ପଠେଇ ଥିବା ବଡଭାଇଙ୍କ ନୂଆ ଡ୍ରେସ୍ କେହି ଜଣେ ଘର ବାହୁଡ଼ା ଚିହ୍ନା ଲୋକ ତାଙ୍କ ଘରେ ଆଣି ଦେଇ ଯାଆନ୍ତି। ଅଥବା ଖବର ଦେଲେ ବୋଉ ଦୀନବନ୍ଧୁ କୁ ହିଁ ସେ ଲୋକ ଘରକୁ ପଠାନ୍ତି। ବୋଉ ଯେତେବେଳେ ପ୍ୟାକେଟ ଟି ଖୋଲିବାର ଉପକ୍ରମ କରେ ଦୀନବନ୍ଧୁ ଉତ୍ସୁକତାର ସହ ଚାହିଁଥାଏ ସେଇ ଆଡକୁ। କହିବା ବାହୁଲ୍ୟ ସେଥିରୁ ବାହାରେ ତା ବଡଭାଇଙ୍କ ପ୍ୟାଣ୍ଟ୍ ସାର୍ଟ ଏବଂ କିଛି ଚକୋଲେଟ,ଚେନାଚୁର ଅଥବା ବିଭିନ୍ନ ପ୍ରକାରର ପାମ୍ପଡ। କେବେ କେବେ ସାନଭାଇ ପାଇଁ କିଛି ଖେଳନା। ଦୀନବନ୍ଧୁ ଉଦାସ ହୋଇ ସେଇଠୁ ଛତ୍ରଭଙ୍ଗ ଦେବାକୁ ବାହାରିଲା ବେଳକୁ ବୋଉ ତାକୁ ପାଖକୁ ଡାକେ ଏବଂ ଚକୋଲେଟ ଏକାବେଳକେ ପାଞ୍ଚଟି ଦେଇ କହେ କାହାକୁ ନକହିବାକୁ। ସେତିକିବେଳେକୁ ଦୀନବନ୍ଧୁ ଆଖି ଛଳଛଳ ହୋଇ ଆସୁଥିବାର ବୋଉ ନଜରରେ ପଡେ। ପୁଅକୁ ଆଶ୍ୱାସନା ଦେବାକୁ ଚେଷ୍ଟା କରେ ପାରୁ ପର୍ଯ୍ୟନ୍ତ।

– 'ବାପାଙ୍କୁ କହିଥିଲି ତୋ ପାଇଁ ଏଥର ଜାମା ପ୍ୟାଣ୍ଟ ପଠାଇବା ପାଇଁ। ହେଲେ ଅଜଣାତରେ ଟିକିଏ ବଡ଼ ମାପର ଜାମା ପ୍ୟାଣ୍ଟ ଏଥର ପଠାଇ ଦେଇଛନ୍ତି।ଆରଥରକୁ ତୋ ମାପକୁ ସେ ନପଠାଇଲେ ମୁଁ ନିଜେ ଯାଇଁ କିଣି ଆଣିବି।'

–' ତୁ ଆରଥର ବି ସେଇୟା କହିଥିଲୁ।'

ଦୀନବନ୍ଧୁ ପାଖରେ ବୋଉ ର ମିଛ ଧରାପଡିଲେ ବୋଉ କାନ୍ଦ କାନ୍ଦ ହୋଇଯାଏ । ହେଲେ ଆଖିରୁ ଲୁହ ପୋଛି ପୁଣି ପୁଅକୁ ବୁଝାଇବାକୁ ଚେଷ୍ଟା କରେ। ଦୀନବନ୍ଧୁ ଜାଣେ ଗାଁ ମୁଣ୍ଡ ମାଡିନଥିବା ବୋଉ କେବେବି ତିନି କିଲୋମିଟର ଦୂର ବଜାରକୁ ଯାଇ ତା' ପାଇଁ ନୂଆ ଜାମା ପ୍ୟାଣ୍ଟ କିଣି ଆଣିପାରିବ। ତଥାପି ସତସାହାସରେ ପ୍ରଥମାଷ୍ଟମୀ ଦିନ ବୋଉ ଦୀନବନ୍ଧୁ ପାଇଁ ଯେଉଁ ନୂଆ ଡ୍ରେସ୍ ଆଲମିରାରୁ କାଢି ଆଣି ପିନ୍ଧିବାକୁ ଦିଏ ସେଇଟା ବଡ଼ଭାଇ ଥରେ ଦି'ଥର ପିନ୍ଧି ସାରିଛନ୍ତି ବୋଲି ଦୀନବନ୍ଧୁ ଜାଣିପାରେ। ତଥାପି ସେ ସେଇଟାକୁ ପିନ୍ଧ ? ଏବଂ ବଡ ଭାଇ ଭଉଣୀଙ୍କ ଚୁପି ଚୁପି କଥାବାର୍ତ୍ତାରୁ ସବୁ ବୁଝିପାରେ।

ବୋଉ ମନରେ ଦୁଃଖ ଦେବନି ବୋଲି ସେମାନଙ୍କ ସହିତ ଠାକୁର ଘରକୁ ଯାଏ ଏବଂ ବୋଉ ହାତର ଟୀକା ମଥାରେ ଲଗାଏ। ସମସ୍ତେ ମିଶି ଏଣ୍ଡୁରି ପିଠା ଖାଇ ସାରିବା ପରେ ଦୀନବନ୍ଧୁ ସେଇ ଜାମା ପ୍ୟାଣ୍ଟ କୁ ତୁରନ୍ତ ଓହ୍ଲାଇ ଦିଏ ଏବଂ କାରଣ ସ୍ୱରୂପ ମଇଳା ହୋଇଯିବ ବୋଲି ମିଛ କହେ। ସେ ମିଛ କହୁଛି ବୋଲି ସମସ୍ତେ ଜାଣନ୍ତି ହେଲେ ତୁନି ର ?ହନ୍ତି। ପ୍ରକୃତ କଥା ହେଲା ବଡଭାଇଙ୍କର ସେଇ ପ୍ୟାଣ୍ଟକୁ ପିନ୍ଧ ?ଇ ବୋଉ ଡୋର ଖଣ୍ଡେ ବାନ୍ଧିଥାଏ ଏବଂ ସାର୍ଟ ଲମ୍ବ ଭାବରେ ଅଖା ଭଳି ଢୋଲା ଢୋଲା ଲାଗେ । ଘରୁ ବାହାରିଲା ମାତ୍ରେ ତା'ର ବେଶଭୂଷା ସାଙ୍ଗ ମାନଙ୍କୁ ହସର ଖୋରାକ ଯୋଗାଏ। ବାପା କଲିକତାରୁ ଆସିଲେ କେତେସବୁ ଫଳ ଆଉ ସନ୍ଦେଶ ଆଣିଥାନ୍ତି ସାଙ୍ଗରେ। ହେଲେ ଘରେ ଯେମିତି ନିସ୍ତବ୍ଧତା ଖେଳିଯାଏ। ସବୁ ଭାଇ ଭଉଣୀ ଚୁପ୍। ହେଲେ ବାପାଙ୍କ ନିର୍ଦ୍ଦେଶ ରେ ବଡଭାଇ ଖୋଲନ୍ତି ବାପା ସୁଦୂର କଲିକତାରୁ ଆଣିଥିବା ବ୍ୟାଗ ସବୁ। ଯଦିଓ ଦୀନବନ୍ଧୁ ନିଶ୍ଚିତ ଥାଏ ତଥାପି ନିରିଖେଇ ଚାହିଁଥାଏ ସେଇ ସବୁ କୁହୁକ ପେଡିରୁ ବାହାରିବାକୁ ଥିବା ଚମତ୍କାରିତାକୁ। ହେଲେ ତା'ର ପ୍ରତୀକ୍ଷାର ଶେଷ ହୁଏ ଅବସୋସରେ। ଅବଶ୍ୟ ବାପା କଲିକତା ଫେରିଯିବା ପରେ ଗାଁ ଠୁ ତିନି କିଲୋମିଟର ଦୂରରେ ଥିବା ସାପ୍ତାହିକ ହାଟରୁ ବୋଉ କାହାକୁ କହି କେବେ କେବେ ପ୍ୟାଣ୍ଟ ଟିଏ କିମ୍ବା ସାର୍ଟ ଖଣ୍ଡେ ମଗାଇ ଦିଏ। ବାପା ମୋ ପାଇଁ କଲିକତାରୁ ଏଇଟା ଆଣିଥିଲେ କହି ସାଙ୍ଗ ମାନଙ୍କୁ ବୋକା ବନାଇବାକୁ ଚେଷ୍ଟା କରେ। ସେମାନେ ବିଶ୍ୱାସ କରନ୍ତି କି ନାହିଁ ଦୀନବନ୍ଧୁକୁ କିଛି ଫରକ ପଡେନା। ଘରେ କେଉଁଠି ଅଳନ୍ଧୁ ଥିଲେ ଗାଳି ଖାଏ ବୋଉ। କେଉଁ ଘରକରଣା ଜିନିଷ ଯଥା କଟୁରୀ, କୁରାଢି,ଶାବଳର ସ୍ଥାନ ଅଦଳବଦଳ ହୋଇଥିଲେ ଗାଳି ଖାଏ କେବଳ ବୋଉ।ବାପାଙ୍କ ବରାଦରେ ନାନାଦି ବ୍ୟଞ୍ଜନ କିନ୍ତୁ ପ୍ରସ୍ତୁତିରେ ଲାଗିପଡେ ବୋଉ। ତାକୁ ଆଉ ତର ନଥାଏ ସେତେବେଳେ। ଦୀନବନ୍ଧୁର ସବୁଠୁ ବଡ ଉପଲବ୍ଧି ହୁଏ ଏଇ ସମୟରେ। ବାପାଙ୍କ ସହିତ ଗୋଟିଏ ଥାଳିରେ ଖାଇ ବସିବାକୁ ବୋଉ ତାକୁ ଡାକଦିଏ। ସମସ୍ତ ଭୟକୁ ଜାବୁଡି ଧରି ମୁହଁ ତଳକୁ କରି ଖାଇବସେ ସେ ବାପାଙ୍କ ସହିତ।ଥାଳି କଡ଼କୁ ଭାତ ପଡ଼ିଗଲେ ଗାଳି ଖାଇବ ବୋଲି ସେ ମାପି ଚୁପି ଖାଏ।କାହିଁକି କେଜାଣି ତା'ର ପେଟ ପୁରେନା। ବାପା ବିଶ୍ରାମ ନେବାକୁ ଗଲାପରେ ବୋଉ ସହିତ ପଖାଳ କଂସା ପାଖରେ ପୁଣି ବସେ ଦୀନବନ୍ଧୁ। ବୋଉ ହାତରୁ ଥରେ କି ଦୁଇ ଥର। ବାସ୍।ଆଃ...କି ତୃପ୍ତି ! ଭାଇ ଭଉଣୀଙ୍କ ତା ପ୍ରତି 'ପେଟୁ' ଶବ୍ଦ ପ୍ରୟୋଗର ଅର୍ଥକୁ ବୁଝି ବି ତାକୁ ଅଣଦେଖା କରେ ସେ। ବୋଉ ମୁହଁରେ ଯେମିତି ଫୁଟୁଥାଏ ପରିତୃପ୍ତିର ପାରିଜାତ। ଭୋଜିଭାତ ରେ ସେ ପେଟ ପୁରେଇବାକୁ କ୍ଷୀରି କୁ ହିଁ ଆଧାର କରେ ଦୀନବନ୍ଧୁ । ଥରେ ଦଶହରାରେ ବୋଉ କରିଥିଲା କ୍ଷୀରି। ଦୀନବନ୍ଧୁ ସତକୁ ସତ ପେଟୁ ପାଲଟିଗଲା କ୍ଷୀରି ଖାଇବାକୁ। କ୍ଷୀରି ବାସ୍ନାରେ ଯେମିତି ଉଚ୍ଚାଟିତ ହୋଇ ପଡୁଥିଲା ସେ। ଉଚ୍ଛ୍ୱସିତ ହୋଇ କହି ପକେଇଲା ' ଏତିକି ମୋତେ କ୍ଷୀରି କରିଛୁ ବୋଉ ? ମୋତେ ତ ନିଅଣ୍ଟ।' ବାସ୍ ସବୁ ବିଭ୍ରାଟ ହୋଇଗଲା। ବାପା ଜିଦି ଧରି ବସିଲେ ଯାହାକୁ ସବୁ ନିଅଣ୍ଟ ସେ ହିଁ ସବୁ ଖାଉ। ତା'ପରେ ଯାହା... !

ବୋଉ ର କେତେ ରାଣ ନିୟମ ସବୁ ବ୍ୟର୍ଥ ହେବାକୁ ବସିଲା। ଘରେ ସମସ୍ତେ ଠାଆକୁ ଠାଆ ବସିଛନ୍ତି। ବାପା ଖାଇଲେ ତ.. !

–' ତୁମେ ବାପ ନା କଂସେଇ...ନା ମୋ ପୁଅର ସାବତ ବାପ.. !

ଛୁଆଟା ଖୁସିରେ କ'ଣ ଟିକେ କହିଦେଲା ବୋଲି ତୁମେ ତା' ଉପରେ ଏମିତି ରାଗ ଶୁଝଉଛ। ଗୋଟିଏ ପର୍ବ ଦିନରେ ତୁମେ ଘରେ ଅଶାନ୍ତି ପୁରଉଛ।ଛୁଆ ଗୁଡାକ ତୁମ ପାଇଁ ଓପାସ ର ?ହିବେ ?' ବୋଉ ର ଏ ରୂପ ପ୍ରଥମେ ଦେଖିଲା ଦୀନବନ୍ଧୁ।ମେଢରେ ଥିବା ଦୁର୍ଗା ରୂପ ଯେମିତି ଦେଖିଲା ସେ। ପରକ୍ଷଣକୁ ବୋଉ ପାଟିରୁ କଥା କମ୍ ଶୁଭିଲା ବେଶୀ ଶୁଭିଲା କାନ୍ଦ ଶବ୍ଦ। ବୋଉର ସେ ଔଜଲ୍ୟ କମି ଆସିଲା। ଦୀନବନ୍ଧୁ ଯାଇ ଲୁଚିଲା ଦାଦାଙ୍କ ଶୋଇବା ଘରେ।

ହେଲେ ବାପା ବୋଧହୁଏ ଶାନ୍ତ ହୋଇ ସାରିଥିଲେ।ବିଛଣା ଛାଡି ଉଠି ଆସିଲେ। ବୋଉ ଚଟାପଟ ଆଗ ବାପାଙ୍କ ପାଇଁ ବାଢ଼ି ଦେଲା। ତା' ପରକୁ ଦୀନବନ୍ଧୁର ବଡଭାଇ ଭଉଣୀଙ୍କ ପାଇଁ। ଦାଦା, ଖୁଡି ଓ କୃପାସିନ୍ଧୁ ଦଶହରାରେ ଖୁଡିଙ୍କ ଘରକୁ ବୁଲି ଯାଇଥିଲେ। ବାକି ରହିଲା ଦୀନବନ୍ଧୁ ସହିତ ତା ବୋଉ।

–' ପାଗଳା ଉଠ ଏଥର। କ୍ଷୀରି ଖାଇବୁ ପରା।ତୋ ପାଇଁ ବେଶୀ ରଖିଛି।'

ବୋଉ ର ଡାକରେ ଦୀନବନ୍ଧୁ ଉଠି ବସିଲା।

–' ନା, ମୁଁ କ୍ଷୀରି ଖାଇବିନି। ବାପା ମାରିବେ।' ପୁଅର ଏତିକି କଥାରେ ବୋଉ ଆଉଥରେ କାନ୍ଦରେ ଉଚ୍ଛୁଳି ପଡ଼ିଲା। ବୋଉ କାନ୍ଦରେ ଦୀନବନ୍ଧୁ ଭେଁ ଲଗାଇଦେଲା। ଦୀନୁ ଥରୁଛି ବୋଲି ବଡଭାଇ ଓ ଭଉଣୀ ଦୁହେଁ ବୋଉକୁ କହିବାରୁ ସେ କାନ୍ଦ ବନ୍ଦ କରି ପୁଅକୁ ଆଶ୍ୱାସନା ଦେବାରେ ଲାଗିଲା। ପ୍ରକୃତରେ ବୋଉ କାନ୍ଦ ଶୁଣି କାଳେ ବାପା ଉଠି ଆସିବେ ବୋଲି ଭୟରେ ଦୀନବନ୍ଧୁ ଥରୁଥିଲା। କହିବା ବାହୁଲ୍ୟ ମା' ପୁଅ ଦୁହିଁଙ୍କର ସେଦିନ କ୍ଷୀରି ଖାଇବା ହୋଇ ନଥିଲା। ବଡ଼ଭାଇ ଭଉଣୀ ଶୋଇବାକୁ ଗଲା ପରେ ଦୁଇ ମୁଠା ହେବ ପଖାଳ ଆଣି ଦୀନବନ୍ଧୁ ପାଟିରେ ଦେଲା ବୋଉ। ଦୀନବନ୍ଧୁର ଶୁଖିଲା ଓଠରେ ପଖାଳ ତୋରାଣି ଅମୃତ ପ୍ରାୟେ ପ୍ରତୀତ ହେଲା।ସେପର୍ଯ୍ୟନ୍ତ ମା ପୁଅଙ୍କ ଆଖିରୁ ଲୁହ ଶୁଖୁନଥିଲା । ବୋଉ ସେ ରାତିରେ କିଛି ନଖାଇ ଉପାସ ରହିଥିଲା ବୋଲି ଦୀନବନ୍ଧୁ ଛଡା ଆଉ କେହି ଜାଣିନଥିଲେ। ବାପା ମନା କରିବାରୁ ପରଦିନ ସକାଳକୁ ବୋଉ ବଡଭାଇ ଓ ଭଉଣୀଙ୍କୁ ଚକୁଳି ପିଠା ସହିତ ବଳି ପଡିଥିବା କ୍ଷୀରିତକ ସମାନ ଭାବରେ ବାଣ୍ଟି ଦେଲା। ପଛକଥା ଭୁଲି କ୍ଷୀରି ଟିକିଏ ଖାଇବାକୁ ଦୀନବନ୍ଧୁ ଇଛା କରିଥିଲେ ବି ବୋଉ ଅଭିମାନରେ ତାକୁ ଆଉ ଦେଇ ନଥିଲା। ବୋଉର କାନ୍ଦୁରା ଫୁଲିଲା ମୁହଁ ଦେଖି ବାପାଙ୍କ ସହ ସବୁ ଭାଇ ଭଉଣୀ ଚୁପ୍ ରହିବାକୁ ଉଚିତ୍ ମନେ କରିଥିଲେ।ପରିବେଶ ବେଶ୍ ଗୁମସୁମ ଥିଲା। ବାପା ଅବସର ନେଇ ଘରେ ଆସି ର ?ହିଲା ବେଳକୁ ତାଙ୍କ ଭିତରେ ଆଉ ଏତେଟା ଟାଣପଣ ନଥିଲା। ବଡ଼ ଭଉଣୀର ବାହାଘର କେବେଠୁ ସରିଥିଲା ତ ମାମୁ ଆଉ ତାକୁ ପଦୁଆଁ କରୁ ନଥିଲେ।ବଡଭାଇଙ୍କ ପାଇଁ ବାପା ଆଉ ନୂଆ ଡ୍ରେସ୍ ଆଣୁ ନଥିଲେ। ବଡଭାଇଙ୍କ ଭଳି ଦୀନବନ୍ଧୁ ବି ରୋଜଗାର କ୍ଷମ ହେଲାପରେ ନିଜ ପାଇଁ ସାର୍ଟପ୍ୟାଣ୍ଟ ଯୋଗାଡି ପାରୁଥିଲା। ?

ହେଲେ ଦୀନବନ୍ଧୁର ଉତ୍ତରିତ ଜୀବନରେ ଦୁଇଟି ନୂଆ ଅନୁଭବ ଆସିଥିଲା। ବଡଭଉଣୀର ବାହାଘର ପରେ ତାକୁ ପଦୁଆଁ କରିବାର ଭାର ନେଇଥିଲେ ବଡଭାଇ । ହେଲେ ସେ ବାହାରେ ରହୁଥିବାରୁ ଦୀନବନ୍ଧୁ ଦ୍ୱାରା ସେ କାମ ସମ୍ପାଦିତ କରାଉଥିଲେ ଏବଂ ସାନଭାଇ ପାଇଁ ମଧ୍ୟ ଯେମିତି ହେଲେ ରହୁଥିଲା କିଛି ଗୋଟିଏ ନୂଆ ବସ୍ତ୍ର।ଭଣଜା ଭାଣିଜୀ ଦୁହିଁଙ୍କ ପାଇଁ ଦୀନବନ୍ଧୁ ନିଜେ ନୂଆ ପୋଷାକ ଏବଂ ଅନ୍ୟାନ୍ୟ ଜିନିଷ ନେଇ ପହଞ୍ଚି ଯାଉଥିଲା ବଡ଼ ଭଉଣୀ ପାଖରେ। ରକ୍ଷା ବନ୍ଧନ ଦିନ ବଡ଼ ଭଉଣୀ ତରଫରୁ ଦୀନବନ୍ଧୁକୁ ବି ମିଳୁଥିଲା ନୂଆ ଡ୍ରେସ୍।ତା ସହିତ ନିଶ୍ଚୟ ତା ପାଟିରେ ନିଶ୍ଚୟ ବାଜୁଥିଲା କ୍ଷୀରିର ସ୍ୱାଦ।ବଡଭାଇଙ୍କ ପାଖରେ ଯେବେ ପହଞ୍ଚିଲେ ବି ସେଦିନ ଦଶହରା ଅନୁଭବ ହୁଏ। କ୍ଷୀରିର ବାସ୍ନାରେ ମହକୁଥାଏ ଘର। ପଡିଶା ପଚାରିଲେ ଭାଉଜ ମୁରୁକି ହସି କହନ୍ତି –' ମୋ ଦିଅର ପରା କ୍ଷୀରି ଖିଆ ଠାକୁର... !!!

*କୁଞ୍ଜବିହାରୀ ଲେନ, କଟକ*




# ଭେକ୍ଟରବାହିତ ରୋଗ ପ୍ରତି ସଚେତନ କରିବ ଟାଟା ଷ୍ଟିଲ ଫାଉଣ୍ଡେସନର 'ସଚେତନତା ରଥ'



ଦାନଗଦି, (ପି,ଏନ୍) :- ଭେକ୍ଟରବାହିତ ରୋଗ ପ୍ରତି ସଚେତନତା ସୃଷ୍ଟି ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଗତ ଶୁକ୍ରବାର ସୁକିନ୍ଦା ଓ ବ୍ରାହ୍ମଣିପାଳ ଠାରେ 'ସଚେତନତା ରଥ' ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ସଚେତନତା ଅଭିଯାନ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ଭେକ୍ଟରବାହିତ ରୋଗ ବିଷୟରେ ସଚେତନ କରାଯିବ। ଲୋକମାନଙ୍କୁ ଫାଇଲେରିଆ, ଡେଙ୍ଗୁ ଓ ମ୍ୟାଲେରିଆ ଭଳି ସାଧାରଣ ତଥା ମାରାତ୍ମକ ରୋଗ ପ୍ରତି ସଚେତନ କରିବା ଅଭିଯାନର ପ୍ରମୁଖ ଲକ୍ଷ୍ୟ। ଏହି ଅବସରରେ ସୁକିନ୍ଦାଠାରେ ଟାଟା ଷ୍ଟିଲର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମଡି)ର ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ୍ ମାଇନ୍ସର ଖଣି ପରିଚାଳନା ବରିଷ୍ଠ ଏରିଆ ମ୍ୟାନେଜର ନିହାର ମିତ୍ର, କାଳିଆପାଣି ସରପଞ୍ଚ ବିକାଶ ପାତ୍ର ଓ ଆଖପାଖ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯାନ ମାଧ୍ୟମରେ ୪ଟି ଗ୍ରାମପଞ୍ଚାୟତ ଯଥା ରସୋଲ, କାଳିଆପାଣି, ଚିଙ୍ଗୁସିପାଳ ଓ କଂସ ଅଧୀନରେ ଥିବା ୨୦ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯିବ। ସେହିପରି ବ୍ରାହ୍ମଣିପାଳ ଠାରେ ଟାଟା ଷ୍ଟିଲ ଫାଉଣ୍ଡେସନ, ବ୍ରାହ୍ମଣିପାଳର ୟୁନିଟ୍ ମୁଖ୍ୟ ଡ.ଜୟନ୍ତ କୁମାର ତ୍ରିପାଠୀ, ପଞ୍ଚାୟତିରାଜ ବିଭାଗ (ପିଆରଆଇ) ସଦସ୍ୟ, ସମାଜସେବୀ ଓ ସ୍ଥାନୀୟ କମ୍ୟୁନିଟି ସଦସ୍ୟଙ୍କ ଉପସ୍ଥିତିରେ ବାମନିପାଳସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟର ମୁଖ୍ୟ ଆଦର୍ଶ ଅଗ୍ରୱାଲ ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ୟାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ବଳଦେବ ସେନା ପକ୍ଷରୁ ଶ୍ରୀବଳଦେବଜୀଉ ମନ୍ଦିର ନିକଟରେ ବିକ୍ଷୋଭ

କେନ୍ଦ୍ରାପଡା, (ପି.ଏନ): ବଳଦେବ ସେନା ପକ୍ଷରୁ ବାଂଲାଦେଶରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରକୁ ଭଙ୍ଗାରୁଜା କରାଯିବା ଓ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ ସ୍ୱରୂପ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେନାର ସଦସ୍ୟ ଓ ମନ୍ଦିର ସେବକବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବେ ବାଂଲାଦେଶରେ ଛାତ୍ର ଆନ୍ଦୋଳନରୁ ଆରମ୍ଭ ହୋଇଥିବା ହିଂସାକାଣ୍ଡ ଉଗ୍ର ରୂପ ନେଇଛି। କୋଟି କୋଟି ଓଡ଼ିଆଙ୍କ ମଉଡମଣି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ସହ ଅନ୍ୟ ହିନ୍ଦୁ ଦେବାଦେବୀ ମନ୍ଦିର ଭଙ୍ଗାଯିବାର ଦୃଶ୍ୟ ସାମ୍ନାକୁ ଆସିଛି। ଯାହାକି ହିନ୍ଦୁ ସମାଜକୁ ଆଘାତ ଦେଇଛି। ଏଥିସହ ହିନ୍ଦୁମାନଙ୍କୁ ବର୍ବରତା ସହ ଅତ୍ୟାଚାର କରାଯାଉଛି। ତେଣୁ ଏହି ପରିପ୍ରେକ୍ଷୀରେ ସେନା କେନ୍ଦ୍ର ସରକାରଙ୍କୁ ତୁରନ୍ତ ଏହି ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଏହାସହ କେନ୍ଦ୍ରାପଡ଼ା ଜିଲ୍ଲା, ରାଜ୍ୟ ଓ ଦେଶରେ ବେଆଇନ ଭାବେ ବସବାସ କରୁଥିବା ସବୁ ବାଂଲାଦେଶୀ ଓ ରୋହିଙ୍ଗ୍ୟା ମୁସଲମାନଙ୍କୁ ତୁରନ୍ତ ବିଦା କରିବା ସହ ବାଂଲାଦେଶରୁ ଆସୁଥିବା ହିନ୍ଦୁମାନଙ୍କୁ ଶରଣ ଦେବାକୁ ସରକାରଙ୍କୁ ନିବେଦନ କରାଯାଇଛି। କୌଣସି ବାଂଲାଦେଶୀ ବେପାରୀଙ୍କ ସାମଗ୍ରୀ ବର୍ଜନ କରିବାକୁ ଜନ ସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେନାର ସଭାପତି ପଦ୍ମନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଉପସଭାପତି ନିରଞ୍ଜନ ସୁଆର, ମୁଖପାତ୍ର ଜ୍ୟୋତି ରଞ୍ଜନ ପତ୍ରି, ସୂଚନା ପ୍ରମୁଖ ଆଶୁତୋଷ ପଣ୍ଡା, ଉପଦେଷ୍ଟା ନିରଞ୍ଜନ ମେକାପ ଓ ମନ୍ଦିର ସେବକ ବାବାଜୀ ପତ୍ରି, ସୁମନ ପତ୍ରି ପ୍ରମୁଖ ସାମିଲ ହୋଇଥିଲେ।

# ନ୍ୟାସନାଲ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିରୀୟର ଏଣ୍ଡ ଫ୍ୟାସନ ଟେକ୍ନୋଲୋଜି ପକ୍ଷରୁ ମେଗା ଫ୍ୟାସନ ଶୋ



ଭୁବନେଶ୍ୱର,(ପି.ଏନ): ଓଡ଼ିଶା ହସ୍ତତନ୍ତ ଦିବସ ଉପଲକ୍ଷେ ନ୍ୟାସନାଲ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିରୀୟର ଏଣ୍ଡ ଫ୍ୟାସନ ଟେକ୍ନୋଲୋଜି, ଜୟଦେବ ବିହାର, ଭୁବନେଶ୍ୱର ଏକ ମେଗା ଫ୍ୟାସନ ଶୋ ତା.୧୦.୦୮.୨୦୨୪ ଓ ତା.୧୧.୦୮.୨୦୨୪ ରିଖରେ ହୋଟେଲ ଏଚ୍. ଏଚ୍. ଆଇରେ ଆୟୋଜନ କରାଯାଇଛି। ଏଥିରେ ନ୍ୟାସନାଲ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିରୀୟର ଏଣ୍ଡ ଫ୍ୟାସନ ଟେକ୍ନୋଲୋଜିର ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବାପାଇଁ ବମ୍ବେ ଓ ଦିଲ୍ଲୀରୁ ଡିଜାଇନରମାନେ ଆସି ଅଂଶଗ୍ରହଣ କରିଛନ୍ତି ।ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଏବଂ ଚଳଚ୍ଚିତ୍ର ଶ୍ରୀଯୁକ୍ତ ସିଦ୍ଧାନ୍ତ ମହାପାତ୍ର ଏବଂ ଚଳଚ୍ଚିତ୍ର ଅଭିନେତା ଶ୍ରୀଯୁକ୍ତ ଆକାଶ୍ ଦାସ୍ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଛନ୍ତି। ଏଥିରେ ନ୍ୟାସନାଲ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିରୀୟର ଏଣ୍ଡ ଫ୍ୟାସନ ଟେକ୍ନୋଲୋଜିର ପୂର୍ବତନ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଉଛି। ନ୍ୟାସନାଲ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିରୀୟର ଏଣ୍ଡ ଫ୍ୟାସନ ଟେକ୍ନୋଲୋଜି ର ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଡ଼. ବିକାଶ କୁମାର ଜେନା, ଅଧ୍ୟାପିକା ଶ୍ରୀମତୀ ମିନକ୍ଷୀ ପାଢ଼ୀ ଓ ଅଧ୍ୟାପିକା ନିଶିପ୍ରଭାଙ୍କ ସହୋଯୋଗରେ ହସ୍ତତନ୍ତ କପଡ଼ାରେ ଛାତ୍ରଛାତ୍ରୀମାନେ ବିଦେଶୀ ପୋଷାକ ପ୍ରସ୍ତୁତ କରିଛନ୍ତି। ଆମ ପୂର୍ବତନ ଛାତ୍ରୀ ନିଶିସ ଫ୍ଲେୟାର ଓ ଏଲିନା ଫ୍ୟାସନ ମଧ୍ୟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଆମ ଓଡ଼ିଶାର ହସ୍ତତନ୍ତ ବସ୍ତ୍ରର ଚାହିଦା ଓ ଆବଶ୍ୟକତା ସମଗ୍ର ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ଆମର ଲକ୍ଷ୍ୟ। ଓଡ଼ିଶାର ହସ୍ତତନ୍ତ ବସ୍ତ୍ର ଯାହା ଆମ ଓଡ଼ିଶାର ଗର୍ବ ଏବଂ ଗୌରବ ତାହା କେବଳ ଓଡ଼ିଶାର ପାରମ୍ପରିକ ବସ୍ତ୍ରରେ ସୀମିତ ନରହି ପାଶ୍ଚାତ୍ୟ ସଭ୍ୟତାର ପୋଷାକ ତିଆରି କରାଗଲେ ଏହାର ଚାହିଦା ବିଦେଶରେ ମଧ୍ୟ ବୃଦ୍ଧି ପାଇବ। ଓଡିଶାର ହସ୍ତତନ୍ତକୁ ସମଗ୍ର ବିଶ୍ୱରେ ପରିଚିତ କରିବା ପାଇଁ ଏହା ଆମର ଏକ ଛୋଟ ପ୍ରୟାସ। ଏହା ଦ୍ୱାରା ଆମ ଓଡ଼ିଶାର ହସ୍ତଶିଳ୍ପ ବୃଦ୍ଧିପାଇବା ସହିତ ଆମ ବୁଣାକାରମାନେ ମଧ୍ୟ ଉପକୃତ ହେବେ। NextXen Fashion Tour & Lifestyle ର ସହଯୋଗ ରେ ଆୟୋଜନ କରାଯାଇଛି।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି। ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ। ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି। ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ। ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ। ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ। ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ। କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି। ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି। ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ। ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି, ତାହା କେବଳ ପରବର୍ତି ସମୟ ହିଁ କହିବ।


2023-2024
2024-2025
AD[illegible]N

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday August 11 2024 | ଭୁବନେଶ୍ୱର ରବିବାର, ଅଗଷ୍ଟ ୧୧,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ସେରୁବନ୍ଦ ପାହାଡ଼ ଖଣି ଖନନ ଭୂମିପୂଜାକୁ ନେଇ ବିରୋଧ କଲେ ଗ୍ରାମବାସୀ



ପଟାଙ୍ଗି,(ପି ନ ଏ): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ, ମାଲିପୁଟ, ନୂଆଗାଁ, ଏହି ପଞ୍ଚାୟତର ସେରୁବନ୍ଦ ପାହାଡ଼ ଅଧୀନରେ ଥିବା ଗ୍ରାମବାସୀ ମାନେ ପୂର୍ବରୁ ବିରୋଧ କରି ଆସୁଥିଲେ।ପୁଣି ଆଜି ଜିଲ୍ଲା ପ୍ରଶାସନ ସହ ନାଲୋକ କର୍ତ୍ତୃପକ୍ଷଙ୍କ ସେରୁବନ୍ଦ ପାହାଡ଼ର ଖଣି ଖନନ ଭୂମିପୂଜା ହେବାକୁ ଥିବା ବେଳେ ସ୍ଥାନୀୟ ଅଞ୍ଚଳ ଲୋକେ ଜିଲ୍ଲା ପ୍ରଶାସନ ଏବଂ ନାଲୋକ କମ୍ପାନୀକୁ ଗୋ ବେକ କହି ନାରବାଜି ଦେଇ ଗର ବିରୋଧ କରିଛନ୍ତି। କିଛି ସେରୁବନ୍ଦ ପାହାଡ଼ ଥିବା ନାମ ଫଳକକୁ ଗ୍ରାମବାସୀ ମାନେ ଭଙ୍ଗା ରୁଜା କରିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏବଂ କେନ୍ଦ୍ରମନ୍ତ୍ରୀ ଜିଲ୍ଲାପାଳ ନାଲୋକ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଆରକ୍ଷୀ ଅଧିକାରୀ ବିଫଳ ହେବା ପରେ ସେହି ସ୍ଥାନରୁ ଫେରି ଯାଇଛନ୍ତି।ଏହି ଖଣି ଖନନକୁ ଭୂମିପୂଜା କରୁଥିବା ବେଳେ ଜନସାଧାରଣ କିମ୍ବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କିଛି ସୂଚନା ଦିଆଯାଇନଥିଲା। ଏହାକୁ ଗୁପ୍ତ ଭାବରେ ଭୂମିପୂଜା କରୁଥିବାରୁ ସ୍ଥାନୀୟ ଅଞ୍ଚଳର ବାସୀ ପ୍ରତିବାଦ କରିଛନ୍ତି। ଉକ୍ତ ଅଞ୍ଚଳରେ ଦୁଇ ପ୍ଲାଟୁନ ପୋଲିସ ଫର୍ସ ମୁତୟନ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।ଏହି ଖଣି ଖନନ ବିରୋଧକୁ ନେଇ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ତରଫରୁ କଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।

## ବିଡିଓଙ୍କ ନାମରେ ମାମଲା ରୁଜୁ

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ବିଡିଓଙ୍କ ନାମରେ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ମାମଲା ରୁଜୁ ହୋଇଛି। ସଂପୃକ୍ତ ବିଡିଓ ଜଣକ ଭୀମସେନ୍ ସେଠୀ ନାମକ ଜଣେ ସାମ୍ବାଦିକଙ୍କୁ ତାଙ୍କ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛ। ଏତଲାକାରୀ ଶ୍ରୀ ସେଠୀ ଏତଲାରେ ଦର୍ଶାଇଛନ୍ତି ଯେ ସେ ଗତ ଦୁଇ ବର୍ଷ ହେବ କେନ୍ଦ୍ରାପଡ଼ା ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ସଂପୃକ୍ତ ବ୍ଲକରେ ବିଭିନ୍ନ ପ୍ରକାରର ଦୁର୍ନୀତି ହେଉଥିବା ଖବରକୁ ନେଇ ସେ ତାଙ୍କ ଖବରକାଗଜରେ ଖବର ପ୍ରକାଶ କରିଥିଲେ। ଅନୁରୂପ ଅଭିଯୋଗ ବିଡିଓଙ୍କ ନାମରେ ଆସିବାରୁ ସେ ମତାମତ ସଂଗ୍ରହ କରିବା ପାଇଁ ଗତ ଶୁକ୍ରବାର ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ବିଡିଓ ତାଙ୍କ ଜାତିକୁ ନେଇ ଅସାମ୍ବିଧାନିକ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ତାଙ୍କୁ ଅପହରଣ କରି ନେଇଯିବେ ବୋଲି ଧମକ ମଧ୍ୟ ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଧକ୍କା ଦେଇଥିଲେ ବୋଲି ଶ୍ରୀ ସେଠୀ ତାଙ୍କ ଏତଲାରେ ଦର୍ଶାଇଛନ୍ତି । ଏହି ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ବିଡିଓଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା।

# କେନାଲରେ ବୁଡ଼ି ନାବାଳକ ମୃତ





ମାହାଙ୍ଗା,(ପି.ଏନ): ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମ ଦେଇ ଯାଇଥିବା ୮ ନଂ କେନାଲରେ ପଡ଼ି ନାବାଳକ (ସୌମ୍ୟ ରଂଜନ)ଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାରୁ ପ୍ରାପ୍ତ ଯେ ଉମାକାନ୍ତ ପଲେଇଙ୍କ ପୁତ୍ର ସୌମ୍ୟ ରଂଜନ ପଲେଇ (୧୦ବର୍ଷ) ମାମୁଁ ଘର ଅଚ୍ୟୁତପୁରରେ ରହି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୌଡ଼ଗୋପ ଠାରେ ୪ର୍ଥ ଶ୍ରେଣୀରେ ପାଠ ପଢୁଥିଲେ। ଝାଡା ବସି କେନାଲରେ ଶୌଚ ହେଉଥିଲା ବେଳେ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ କେନାଲରେ ଖୋଜାଖୋଜି କରି ସୌମ୍ୟ ରଂଜନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସୌମ୍ୟରଂଜନଙ୍କ ଅଜା ଉପେନ୍ଦ୍ର ଦାସ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲେ। ସୌମ୍ୟ ରଂଜନଙ୍କ ଘର ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବଡଖିର ପଂଚାୟତର ଗୋପପୁର ଠାରେ ବୋଲି ଜଣା ପଡ଼ିଛି। ଏକମାତ୍ର ନାତିର ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ସରକାରଙ୍କ ତରଫରୁ ସହାୟତା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## କାଉଡ଼ିଆଙ୍କ ମୃତ୍ୟୁରେ ଶୋକ

ମାହାଙ୍ଗା ,(ପି.ଏନ): ମାହାଙ୍ଗାର ଏକାଦଶ ରୁଦ୍ର ବୋଲବମ୍ ଟିମ୍‌ର କପିଳାସ ଅଭିମୁଖେ ଯାତ୍ରାର ପ୍ରଥମ ଦିବସରେ ଶୋଲର ମଙ୍ଗଳାଙ୍କ ପ୍ରାଙ୍ଗଣରେ କାଉଡ଼ିଆ ଭାଇ ୰ରମାକାନ୍ତ ସାହୁ, ପଟ୍ଟାମୁଣ୍ଡାଇ, ୰ ପରମାନନ୍ଦ ସାହୁ, ମାହାଙ୍ଗାଙ୍କର ଅକାଳ ବିୟୋଗରେ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ କାଉଡ଼ିଆ ଭାଇ ଯୋଗ ଦେଇ ଶୋକ ବ୍ୟକ୍ତ କରିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ କାମନା ପୂର୍ବକ ଶ୍ରୀ ଶ୍ରୀ ଚନ୍ଦ୍ର ଶେଖରଙ୍କୁ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବୈକୁଣ୍ଠନାଥ ପରିଡ଼ା, ତ୍ରିଲୋଚନ ମିଶ୍ର, ତପନ କୁମାର ଶତପଥୀ, ବିନୋଦ ପରିଡ଼ା, ଶୁଭେନ୍ଦୁ ମହାନ୍ତି, ନିରଂଜନ ମହାନ୍ତି ଏବଂ ଆରତ କିଶୋର ରାଉତ ଯୋଗଦାନ ପୂର୍ବକ ଶୋକ ସନ୍ତପ୍ତ ପରିବାରର ମଙ୍ଗଳକାମନା କରିଥିଲେ ବୋଲି ବୋଲ୍‌ବମ୍ ଟିମ୍ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

# ଧାମନଗରମହାବିଦ୍ୟାଳୟରେ ଜାତୀୟ କୃମିନାସକ ଦିବସ ପାଳିତ





ଧାମନଗର,(ପି.ଏନ): ଧାମନଗର ମହାବିଦ୍ୟାଳୟ ପରିସରରେ ଜାତୀୟ କୃମିନାସକ ଦିବସ ଅବସରରେ +୨ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ମହାବିଦ୍ୟାଳୟର ଅଧକ୍ଷ ଏମ. ଡି. ଇସ୍ରାଏଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସାମ୍ପ୍ରସାରଣ ଅଧିକାରୀ କିଶୋର ଚ଼ନ୍ଦ୍ର ପଣ୍ଡା ଓ ତାଙ୍କ ସହଯୋଗୀ ତଥା ଦୋବଲ ଗୋଷ୍ଠୀ ଶିକ୍ଷା ସାଧନ ଅଧିକାରୀ ହସ୍ପା ମାରାଣ୍ଡି ପ୍ରୀତିପ୍ରଭା ବେହେରା,ଅନନ୍ତ ଚ଼ରଣ ମୁଣ୍ଡା ପ୍ରମୁଖ ଯୋଗ ଦେଇ କୃମି ରୋଗ ବ୍ୟାପିବାର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରି କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ ସ୍ୱାସ୍ଥ୍ୟ ଠିକ ରହିଲେ ସବୁ କାର୍ଯ୍ୟରେ ଆଗ୍ରହ ରୁହେ ନ ହେଲେ ବିଭିନ୍ନ ରୋଗ ମାଡି ଆସେ ବୋଲି ଶ୍ରୀ ପଣ୍ଡା ସୂଚ଼ନା ଦେଇଥିଲେ।+୨ ର କିଶୋର ଛାତ୍ର ଛାତ୍ରୀଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ ଓ ପରିଷ୍କାର ପରିଚ୍ଛନ୍ନ ଉପରେ ଗୁରୁତ୍ୱଦେଲେ କୃମି ରୋଗ କିପରି ଅଧିକରୁ ଅଧିକ ନ ବ୍ୟାପିବ ସେ ବିଷୟରେ ଗୁରତ୍ୱ ଆରୋପ କରିବା ସହିତ ନିଜେ କୃମି ନାଶକ ଔଷଧ ସେବନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଔଷଧ ସେବନ କରାଇଥିଲେ। ଏହି ସଭାରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ. ମନୋଜ କୁମାର କର,ଚ଼ିନ୍ମୟ ଜେନା,ରେଡ କ୍ରସ ଅଧିକାରୀ ଅଧ୍ୟାପିକା ସ୍ମରଣିକା ପ୍ରଧାନ,ଅମିତା ଦାସ,ସଜଳ କୁମାର ମହାନ୍ତି, ଆଶୀର୍ବାଦ ମହାନ୍ତି, ବାସ୍ତବିକା ଦାସ, କଲ୍ୟାଣୀ ଦାଶ, ଦେବାଶିଷ ମଲିକ,ସାଜିଆ ତମକିନ, ସୁଶ୍ରୀ ସଙ୍ଗୀତା ନାୟକ,ସତ୍ୟନ କୁମାର ଜେନା,ଅଧାପିକା ଶ୍ୱ ?ତାସାମିନି ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ପରିଚ଼୍ଛନତା ସମ୍ପର୍କିତ ସ୍ୱାସ୍ଥ୍ୟ ସଚେତନ କରିଥିଲେ। ସର୍ବଶେଷରେ ପ୍ରାଧାପକ ପ୍ରଦୀପ କୁମାର ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳି




ଧାମନଗର,(ପି.ଏନ): ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚ଼ାର୍ଯ୍ୟଙ୍କ ଦେହାନ୍ତରେ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ଧାମନଗର ଆଞ୍ଚଳିକ ପାଟି ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବା ବେଳେ ତାଙ୍କ ଉଦ୍ଦେଶ୍ୟରେ ପାଟିର ପତକା ଅଧରନିର୍ମିତ ରଖାଗଲା। ପଶ୍ଚିମବଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବୋସୁଙ୍କ ପରେ ଦୁଇ ବର୍ଷ ଆଉ ଥରେ ପାଞ୍ଚ ବର୍ଷ ମାତ୍ର ୭ବର୍ଷ ଧରି ବୁଦ୍ଧଦେବ ଭଟ୍ଟାଚ଼ାର୍ଯ୍ୟ ମୁଖ୍ୟମନ୍ତ୍ରୀ ରହିଥିଲେ ବୋଲି ସୂଚ଼ନା ମିଳିଛି। ତାଙ୍କ ବିୟୋଗରେ ସାରା ଭାରତରେ ଶୋକ ପ୍ରକାଶ ପାଇଛି। ଏହି ଅବସରରେ ଏନ ଏ ସି ଅନ୍ତର୍ଗତ ସାନ ବଜାର ସ୍ଥିତ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆଞ୍ଚଳିକ ସମ୍ପାଦକ ଗୟାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସତ୍ୟରଂଜନ ମୂର୍ତ୍ତୀ,ସି.ଆଇ ଏମ ନେତା ମହମ୍ମଦ ଜୟନୁଲ ଆବେଦିନ,ବିପ୍ଳବ ଯେନା,ଭୀମସେନ ବେହେରା,ଜିଲାନି ଖାଁ,ସାଥୀ ମାର୍କଣ୍ଡ ଯେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବୁଦ୍ଧଦେବ ଭଟ୍ଟାଚ଼ାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏବଂ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଛି।

# ୱିଣ୍ଡର୍ଜି ଇଣ୍ଡିଆ ୨୦୨୪ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଭାରତର ଦର୍ଶନକୁ ଆଲୋକିତ କରେ

ଭୁବନେଶ୍ୱର,(ପି.ଏନ): ପବନ ଶକ୍ତି କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଭାରତ ବର୍ତ୍ତମାନ ଶକ୍ତି ସ୍ଥାପନରେ ଚତୁର୍ଥ ସ୍ଥାନରେ ରହିଛି ଓ ଅକ୍ଷୟ ଶକ୍ତି ଦୃଶ୍ୟପଟରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଜୁନ ୨୦୨୪ ସୁଦ୍ଧା ଭାରତର ସ୍ଥାପିତ ପବନ ଶକ୍ତି କ୍ଷମତା ୪୬,୬୫୬ ମେଗାୱାଟରୁ ଅଧିକ ହୋଇଛି, ଯାହା ଦେଶ ତଥା ସର୍ବଭାରତୀୟ ସ୍ତରରେ ପବନ ଶକ୍ତି ବିକାଶ ଲାଗି ସର୍ବବୃହତ ଉତ୍ପାଦକ ଭାବରେ ପରିଣତ ହୋଇଛି।ପବନ ଶକ୍ତି କ୍ଷେତ୍ର ଭାରତର ଅକ୍ଷୟ ଶକ୍ତି ଲକ୍ଷ୍ୟରେ ଯଥେଷ୍ଟ ଅବଦାନ ରଖିଥାଏ। ନିର୍ମାଣ ଓ କାର୍ଯ୍ୟ ପରିସରରେ ପବନ ଫାର୍ମଗୁଡ଼ିକ ବିଶେଷ କରି ଗ୍ରମାଂଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଅଧିକନ୍ତୁ ପବନ ଶକ୍ତି ଗ୍ରୀନ ହାଉସ ଗ୍ୟାସ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରେ।୭୦୦୦ କିଲୋମିଟରରୁ ଅଧିକ ଉପକୂଳବର୍ତ୍ତୀ ଅଂଚଳରେ ୫୦୦ ଜିଡବ୍ଲ୍ୟୁ ଅଫଶୋର ପବନ କ୍ଷମତା ଉତ୍ପାଦନ କରିବାର ସମ୍ଭାବନା ଥିବାବେଳେ ତାମିଲନାଡୁ ଓ ଗୁଜୁରାଟରେ ନେଟ ଜିରୋ ୨୦୭୦ ଲକ୍ଷ୍ୟରେ ସହଯୋଗ କରିବାକୁ ଉଚ୍ଚାଭିଳାଷୀ ଯୋଜନା ରହିଛି। ତେଣୁ ଏହି କ୍ଷେତ୍ରରେ ନିବେଶକୁ ଆକର୍ଷିତ କରିବା ଲାଗି ରାଜ୍ୟ ସରକାର ସକ୍ରିୟ ଭାବରେ ନୀତି ନିୟାମକ ଗଠନ କରିଛନ୍ତି।ନିକଟରେ କେନ୍ଦ୍ର କ୍ୟାବିନେଟ ଗୁଜରାଟ ଓ ତାମିଲନାଡୁରେ ୧ ଜିଡବ୍ଲ୍ୟୁ ଅଫଶୋର ପବନ ଶକ୍ତି ପ୍ରକଳ୍ପକୁ ଅନୁମୋଦନ କରିଛି ଯେଉଁଥିରେ ୭୪୫୩ କୋଟି ନିବେଶ କରାଯାଇଛି। ଲକ୍ଷ୍ୟ ରହିଛି ୩,୭୨ ବିଲିୟନ ୟୁନିଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ଓ ୨୫ ବର୍ଷ ପାଇଁ ବାର୍ଷିକ ୨.୯୮ ମିଲିୟନ ଟନ ସିଓ୨ ନିର୍ଗମନ ହ୍ରାସ କରିବା। ବୈଷୟିକ ଅଗ୍ରଗତି କ୍ଷମତା ପବନ ଶକ୍ତି ଉତ୍ପାଦନକୁ ସକ୍ଷମ କରିଥାଏ। ଯାହା ସମଗ୍ର ଦେଶରେ ପବନ ଶକ୍ତି ପ୍ରକଳ୍ପର ସାମଗ୍ରିକ ଦକ୍ଷତାରେ ଯଥେଷ୍ଟ ବିକାଶ ଘଟାଇଥାଏ। ଏଠାରେ ୱିଣ୍ଡର୍ଜି ଇଣ୍ଡିଆ ଶିଳ୍ପରେ ବୈଷୟିକ ବିପ୍ଳବ ଆଜି ଦେଶରେ ପବନ ଶକ୍ତି ଖେଳକୁ ବଦଳାଇ ଦେଇଛି ଓ ସଫଳତାର ମାଇଲ ଖୁଂଟ ଅତିକ୍ରମ କରିଛି।ୱିଣ୍ଡର୍ଜି ଇଣ୍ଡିଆ ୨୦୨୪, ପବନ ଶକ୍ତି କ୍ଷେତ୍ର ପାଇଁ ସମର୍ପିତ ଶିଳ୍ପ ପ୍ଲାଟଫର୍ମ। ଏହାର ଅପାର ସମ୍ଭାବନା ଓ ଲାଭଜନକ ସୁଯୋଗ ରହିଛି। ୱିଣ୍ଡର୍ଜି ଇଣ୍ଡିଆ ନିକଟରେ ପ୍ରଦର୍ଶନୀ ଉତ୍କର୍ଷ ପୁରସ୍କାର ୨୦୨୪ରେ ଭାରତର ଦ୍ରୁତ ଅଭିବୃଦ୍ଧି ଶୋ ଭାବରେ ସ୍ୱୀକୃତିପ୍ରାପ୍ତ।ଏହାର ଷଷ୍ଠ ସଂସ୍କରଣରେ ୱିଣ୍ଡର୍ଜି ଇଣ୍ଡିଆ ୨୦୨୪ ଶକ୍ତି ମନ୍ତ୍ରାଳୟ ଓ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରାଳୟ ଦ୍ୱାରା ସମର୍ଥିତ। ମେକ ଇନ ଇଣ୍ଡିଆ ଉଦ୍ୟମରେ ତିନିଦିନିଆ ବାଣିଜ୍ୟ ମେଳା ଓ ପ୍ରଦର୍ଶନୀ କର୍ନାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୁଜରାଟ ଓ ରାଜସ୍ଥାନ ଭଳି ପବନ ସମୃଦ୍ଧ ରାଜ୍ୟଗୁଡ଼ିକରେ ପ୍ରତିନିଧିତ୍ୱ କରିବ। ୱିଣ୍ଡର୍ଜି ଇଣ୍ଡିଆ ମଧ୍ୟ ଡେନମାର୍କ ଓ ସ୍ପେନରେ ପାଭିଲିୟନ ଆୟୋଜନ କରିବ ଓ ପବନଶକ୍ତି କ୍ଷେତ୍ରକୁ ଅଗ୍ରଗତି କରାଇବା ସହ ଭାରତ ସହ ସହଯୋଗ କରିବାକୁ ସେମାନଙ୍କୁ ଆହ୍ୱାନ କରିବ। ଏହି ବାଣିଜ୍ୟ ମେଳାରେ ଜର୍ମାନୀ, ନେଦରଲ୍ୟାଣ୍ଡ, ଆମେରିକା, ସ୍ପେନ, ବ୍ରାଜିଲ ପ୍ରଭୃତି ଦେଶରେ ମଧ୍ୟ ପ୍ରଦର୍ଶନ କରିବା ସହ ୱିଣ୍ଡର୍ଜି ଇଣ୍ଡିଆକୁ ଏକ ବିଶ୍ୱସ୍ତରୀୟ ଇଭେଂଟରେ ପରିଣତ କରିବ। ୱିଣ୍ଡର୍ଜି ଇଣ୍ଡିଆ ସମଗ୍ର ପବନଶକ୍ତି ଇକୋସିଷ୍ଟମକୁ ଏକାଠି କରିବାକୁ ଲକ୍ଷ୍ୟ ରଖିଛି। ଏନଭିଜନ ଏନର୍ଜି ପରି ଶିଳ୍ପ ଅଂଶୀଦାରମାନେ ୱିଣ୍ଡର୍ଜି ଇଣ୍ଡିଆ ୨୦୨୪ ସହ ଆମର ପ୍ଲାଟିନମ ପାର୍ଟନର ଭାବରେ ସହଯୋଗ କରିବେ। ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗ ମଧ୍ୟ ରହିବ। ଜାତୀୟ ତଥା ଆନ୍ତର୍ଜାତୀୟ ସଂଗଠନ ଗୁଡ଼ିକ ସହିତ ଆମର ସହଭାଗିତା ଓ ଟାଇଅପ ଭାରତ ତଥା ବିଶ୍ୱର ପବନ ଶକ୍ତି ପେଶାଦାରଙ୍କୁ ଏକତ୍ର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।ୱିଣ୍ଡର୍ଜି ଇଣ୍ଡିଆ ୨୦୨୪ରେ ପ୍ରାୟ ୩୦୦ ପ୍ରଦର୍ଶନୀ ପ୍ରଦର୍ଶିତ ହେବ ଯେଉଁଥିରେ ଚଳିତ ବର୍ଷର ଭ୍ରମଣକାରୀଙ୍କ ସଂଖ୍ୟା ୧୦୦୦୦ ହେବ ବୋଲି ଆଶା କରାଯାଏ। କେତେକ ପ୍ରମୁଖ ପ୍ରଦର୍ଶକଙ୍କ ମଧ୍ୟରେ ଆଦାନି ପବନ, ଜିନ୍ଦଲ ଷ୍ଟିଲ ଓ ପାୱାର, ପରିବହନ, ଡ୍ରାଇଭ ଓ ଡ୍ରାଇଭ ପ୍ରଭୃତି ସଂସ୍ଥା ରହିଛନ୍ତି।ୱିଣ୍ଡର୍ଜି ଇଣ୍ଡିଆ ୨୦୨୪ ପ୍ରଯୁକ୍ତି ଓ ନବସୃଜନର ଆବଶ୍ୟକତାକୁ ଆଲୋକିତ କରି ଡୋମନେରେ ଅତ୍ୟାଧୁନିକ ଧାରା, ପ୍ରଯୁକ୍ତି ଓ ବ୍ୟବସାୟିକ ସୁଯୋଗ ଅନୁସନ୍ଧାନ ଲାଗି ଶିଳ୍ପପତି, ନୀତି ନିର୍ଣ୍ଣାୟକ, ନିବେଶକଙ୍କ ସହିତ ଏକତ୍ର ହୋଇ କାମ କରିବ। ଏହା ଉପରେ ବିସ୍ତୃତ ଆଲୋଚନା ଓ ଉତ୍ତମ ଚିନ୍ତାଧାରା ସୃଷ୍ଟି କରିବା ଲାଗି ଏକ ଉପଯୁକ୍ତ ମଂଚ ପ୍ରସ୍ତୁତ କରିବ। ଇଭେଂଟ ଜରିଆରେ ଜ୍ଞାନ ବିନିମୟ, ବ୍ୟବସାୟିକ ନେଟୱାର୍କ ଓ ଏହି ଶିଳ୍ପରେ ଆଧୁନିକ ଅଗ୍ରଗତି ସହ ସମସ୍ତ ହୀତାଧିକାରୀ, ବୃତିଧାରୀ ଓ ଉତ୍ସାହୀଙ୍କୁ ଆମ ୱିଣ୍ଡର୍ଜି ଇଣ୍ଡିଆ ୨୦୨୪ରେ ଯୋଗ ଦେବାକୁ ଓ ଅକ୍ଷୟ ଶକ୍ତି ବିପ୍ଳବର ଅଂଶ ହେବାକୁ ଆମନ୍ତ୍ରଣ କରୁଛୁ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray